ମାନ୍ୟବର ସାଂସଦ ଓ ବିଧାୟକ ମାନଙ୍କ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ

ବିଜ୍ଞାନ ଓ ପରିବେଶ କେନ୍ଦ୍ର, ନୂଆଦିଲ୍ଲୀର ଏକ ସମୟୋଚିତ ଘଟଣା ଭିତ୍ତିକ ଆଲୋଚନାତ୍ମକ ସୂଚନା ପତ୍ର

ମରୁଡ଼ି ?

(ବର୍ଷାଜଳକୁ ଧରି ରଖିବାକୁ ଚେଷ୍ଟା କରନ୍ତୁ)

ଅନୀଲ ଅଗ୍ରୱାଲ

ସରକାର ଆନ୍ତରିକତାର ସହ ଚାହିଁଲେ ମରୁଡିକୁ ସମ୍ପୂର୍ଣ୍ଣଭାବେ ଦୂରେଇ ଦେବାକୁ ଅତି ବେଶିରେ ଦଶବର୍ଷ ଲାଗିବ

୨୨ ମାର୍ଚ୍ଚ ୨୦୦୨

ସେଣ୍ଟର ଫର ସାଇନ୍‌ସ ଆଣ୍ଡ ଏନ୍‌ଭାଇରନ୍‌ମେଣ୍ଟ
୪୧, ତୁଗଲକବାଦ ଇନ୍‌ଷ୍ଟିଚ୍ୟୁସନାଲ ଏରିଆ, ନୂଆଦିଲ୍ଲୀ - ୧୧୦୦୬୨, ଭାରତ
ଫୋନ୍ - ୯୧-୧୧-୬୦୮୧୧୧୦, ୬୦୮୧୧୨୪, ୬୦୮୩୩୯୪, ଫାକ୍ସ - ୯୧-୧୧-୬୦୮୫୮୭୯
ଇ.ମେଲ୍. : cse@cseindia.org ୱେବ୍ ସାଇଟ୍ : www.cseindia.org

ଓଡ଼ିଆ ଅନୁବାଦ ଓ ପ୍ରକାଶନ :
ସହଭାଗୀ ବିକାଶ ଅଭିଯାନ
୫ ଡ୍ୟୁପ୍ଲେକ୍ସ, ଶୈଳଶ୍ରୀ ବିହାର, ଭୁବନେଶ୍ୱର - ୭୫୧୦୨୧
ଫୋନ୍ - ୪୪୪୦୦୮, ଫାକ୍ସ - ୦୬୭୪-୪୪୦୪୭୪
ଇ.ମେଲ୍. :jagadishpradhan@hotmail.com
2440474

Digitized by srujanika@gmail.com

ଡ. ଅନୀଲ ଅଗ୍ରୱାଲ (୧୯୪୭-୨୦୦୨)

"ମାନବ ଜୀବନ ନୁହଇଁ କେବଳ
ବର୍ଷ ମାସ ଦିନ ଦଣ୍ଡ,
କର୍ମେ ଜିଏ ନର କର୍ମ ଏକାତାର
ଜୀବନର ମାନଦଣ୍ଡ"

-ଉତ୍କଳମଣି ଗୋପବନ୍ଧୁ ଦାସ

ଏହି ପୁସ୍ତିକାର ଲେଖକ, ଆନ୍ତର୍ଜାତିକ ସ୍ତରରେ ପରିବେଶ ସୁରକ୍ଷା ଦିଗରେ ଉଲ୍ଲେଖନୀୟ ଅବଦାନ ରଖିଯାଇଥିବା ଭାରତୀୟ ମହାନ୍ ବୈଜ୍ଞାନିକ ଡ଼. ଅନୀଲ ଅଗ୍ରୱାଲଙ୍କର ଆକସ୍ମିକ ଭାବେ ଗତ ୨ ଜାନୁୟାରୀ ୨୦୦୨ ଦିନ ମାତ୍ର ୫୪ ବର୍ଷ ବୟସରେ ପରଲୋକ ହୋଇଯାଇଛି । ଡ. ଅଗ୍ରୱାଲ ଚଳିତ ବର୍ଷର ଆରମ୍ଭରେ କୌଣସି ସମୟରେ ଓଡ଼ିଶା ଭ୍ରମଣରେ ଆସି ଏଠାକାର ଜଳ-ଜମି-ପ୍ରାକୃତିକ ସଂପଦର ପରିଚାଳନା ସଂପର୍କୀୟ କେତେକ କାର୍ଯ୍ୟକ୍ରମରେ ଯୋଗଦେବାକୁ ମନସ୍ଥ କରିଥିଲେ । କିନ୍ତୁ ବିଧିର ବିଡ଼ମ୍ବନା - ଆମେ ସେହି ସୁଯୋଗ ପାଇପାରିବା ପୂର୍ବରୁ ତାଙ୍କର ଦେହାବସାନ ହୋଇଗଲା । ଏହି ପୁସ୍ତିକାର ଦ୍ୱିତୀୟ ଓଡ଼ିଆ ସଂସ୍କରଣର ପ୍ରକାଶ ଅବସରରେ ଆମେ ଏହି ସ୍ୱର୍ଗୀୟ ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କଠାରେ ପ୍ରାର୍ଥନା କରୁଅଛୁ । ଡ. ଅଗ୍ରୱାଲଙ୍କ କର୍ମମୟ ଜୀବନ ଯେ ଆମ ଦେଶ ତଥା ସାରା ବିଶ୍ୱରେ ପରିବେଶ ସୁରକ୍ଷା ଆନ୍ଦୋଳନରେ ଜଡ଼ିତ କର୍ମୀ ଏବଂ ନେତୃବର୍ଗଙ୍କୁ ପ୍ରେରଣା ଦେଇ ଚାଲିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

ଡ. ଅଗ୍ରୱାଲଙ୍କ ଜୀବନୀରୁ ସଂକ୍ଷେପରେ :

ଶିକ୍ଷା	କାନପୁର ଆଇ. ଆଇ. ଟି. ରୁ ଇଂଜିନିୟରିଂ ଡ଼ିଗ୍ରୀ । କିଛିଦିନ ଆମେରିକା ଓ ଅନ୍ୟାନ୍ୟ ରାଷ୍ଟ୍ରରେ କାର୍ଯ୍ୟକରିବାର ଅଭିଜ୍ଞତା ।
୧୯୮୦	ଦିଲ୍ଲୀଠାରେ ବିଜ୍ଞାନ ଓ ପରିବେଶ କେନ୍ଦ୍ର (Centre for Science and Environment)ର ପ୍ରତିଷ୍ଠା ।
୧୯୮୨	ଭାରତର ପରିବେଶ ଉପରେ ଏକ ଅତ୍ୟନ୍ତ ମୂଲ୍ୟବାନ ପୁସ୍ତକ "The State of India's Environment- A Citizens Report"ର ସଂକଳନ ।
୧୯୮୬	ଭାରତ ସରକାରଙ୍କ 'ପଦ୍ମଶ୍ରୀ' ସମ୍ମାନରେ ଭୂଷିତ ।
୨୦୦୦	ଭାରତ ସରକାରଙ୍କ 'ପଦ୍ମଭୂଷଣ' ସମ୍ମାନରେ ଭୂଷିତ ।
୧୯୮୦-୨୦୦୦ :	ବିଭିନ୍ନ ଆନ୍ତର୍ଜାତିକ ସମ୍ମାନରେ ଭୂଷିତ
୧୯୮୦-୨୦୦୦ :	ରାଷ୍ଟ୍ରିୟ ସ୍ତରରେ ତଥା ଆନ୍ତର୍ଜାତିକ ସ୍ତରରେ ଗଠିତ ପରିବେଶ ସଂପର୍କୀୟ ବିଭିନ୍ନ କମିଟିରେ ଅଧକ୍ଷ ତଥା ପରାମର୍ଶଦାତା ।

Digitized by srujanika@gmail.com

ମରୁଡ଼ି ?

(ବର୍ଷା ଜଳକୁ ଧରି ରଖିବାକୁ ଚେଷ୍ଟା କରନ୍ତୁ)

ମାନ୍ୟବର ସାଂସଦ ଓ ବିଧାୟକ ବୃନ୍ଦ !

ଆପଣମାନେ ଜାଣନ୍ତି ଯେ, ଆମ ଦେଶର ଅନେକ ଅଞ୍ଚଳ ଭୟାବହ ମରୁଡ଼ିର ସମ୍ମୁଖୀନ ହେଉଅଛି । ଏହାର ଫଳସ୍ୱରୁପ ଗୁଜୁରାଟ, ରାଜସ୍ଥାନ, ମଧ୍ୟପ୍ରଦେଶର ପଶ୍ଚିମ ଖଣ୍ଡ, ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶରେ ପାନୀୟ ଜଳର ଉତ୍କଟ ଅଭାବ ଦେଖାଦେଇଛି । ଖବରକାଗଜ ବିବରଣୀ ଅନୁସାରେ, ସୌରାଷ୍ଟ୍ରର ଅଧିକାଂଶ ସହରରେ ଜଳଯୋଗାଣରେ ଅତ୍ୟନ୍ତ ଅନିୟମିତତା ଦେଖାଯାଉଛି । (ଦ୍ରଷ୍ଟବ୍ୟ - ସାରଣୀ-୧ : ଏପ୍ରିଲ ୨୦୦୦ରେ ଗୁଜୁରାଟର ସହରମାନଙ୍କରେ ମିଳୁଥିବା ପାନୀୟ ଜଳ) ଅଧିକାଂଶ ବନ୍ଧ ଓ ଜଳ ଭଣ୍ଡାର ଶୁଖିଲା ପଡ଼ିଛି । ଭୂତଳ ଜଳସ୍ତର କ୍ରମାଗତ ଭାବେ ହ୍ରାସ ପାଇଚାଲିଥିବାରୁ ସରକାର ପୂର୍ବନିର୍ମିତ ବୋରିଂ କୂଅ ସବୁକୁ ଅଧିକ ଗଭୀର କରି ଏବଂ ଟ୍ୟାଙ୍କର ଦ୍ୱାରା ଜଳ ଯୋଗାଇ ଦେଇ ଏ ସମସ୍ୟାର ସମାଧାନ କରିବା ପାଇଁ ଚେଷ୍ଟା କରୁଛନ୍ତି । ଜଳସଙ୍କଟର ସମାଧାନ ନିମନ୍ତେ ଜଳପୂର୍ଣ୍ଣ ରେଳଗାଡ଼ି ଚଳାଇବା ପାଇଁ କେନ୍ଦ୍ର ସରକାର ଯୋଜନା କରୁଛନ୍ତି । କିନ୍ତୁ ପ୍ରଶ୍ନ ଉଠେ ଏ ସବୁ ହିଁ କ'ଣ ଜଳ ସଙ୍କଟ ସମାଧାନର ଅନିବାର୍ଯ୍ୟ ପନ୍ଥା ? ସାଧାରଣ ବୃଷ୍ଟିପାତଠାରୁ କମ୍ ବୃଷ୍ଟିପାତ ହେଲେ ପ୍ରତିଥର ଆମକୁ କଣ ଏପରି କରିବାକୁ ହେଉଥିବ ?

ଆମେ କିନ୍ତୁ ଏମିତି ଭାବୁନାହୁଁ । ଯଦି ନିଶ୍ଚିତଭାବେ ଲଗାତର ଅନେକ ବର୍ଷ ଧରି ମରୁଡ଼ି ନ ହୁଏ, ତାହା ହେଲେ ଏ ସମସ୍ୟାକୁ ସ୍ଥାୟୀଭାବେ କିପରି ଦୂରୀଭୂତ କରିବାକୁ ହେବ ସେ ସମ୍ପର୍କରେ ଆମ୍ଭେ ଆପଣମାନଙ୍କୁ ବିଶଦଭାବେ ସୂଚନା ଦେବାକୁ ଚାହୁଁଛୁ । ଆମ୍ଭେ ଯେଉଁ ପରିବର୍ତ୍ତନ ବାବଦରେ ଯୁକ୍ତି ବାଢୁଛୁ ତାହା ନିଶ୍ଚୟ ଘଟିବ, ଅବଶ୍ୟ ଜଳ ପରିଚାଳନା ସମ୍ପର୍କିୟ ଆମର ପ୍ରସ୍ତାବକୁ ଏ ଦେଶର ରାଜନେତାମାନେ ଗ୍ରହଣ କରିବେ କି ନା ତାହା ହିଁ ଆମର ଭୟ ।

ଏପ୍ରିଲ ୨୦୦୦, ହେଗ୍ ଠାରେ ବିଶ୍ୱ ଜଳକମିଶନ ଦ୍ୱାରା ଆୟୋଜିତ ବୈଠକରେ, ବିଶ୍ୱର ବିଭିନ୍ନ ଦେଶର ଜଳ ସମ୍ପଦ ମନ୍ତ୍ରୀମାନଙ୍କୁ ଏହାର ବିବରଣୀ ପ୍ରଦାନ କଲାବେଳେ, ଜଣେ ସଦସ୍ୟ ରାଜନେତାମାନଙ୍କୁ ଜଳର ଗୁରୁତ୍ୱ ବାବଦରେ ପ୍ରଶିକ୍ଷଣ ଦେବାପାଇଁ ଦୃଢ ଭାବେ ଗୁରୁତ୍ୱ ଆରୋପ କରିଥିଲେ । ଯାହା ହେଉନା କାହିଁକି, ମୁଁ ଦେଖିଲି ଏ ଯୁକ୍ତି ଠିକ୍ ନୁହେଁ, କାରଣ ବିଶେଷ କରି ଭାରତରେ, ମୁଁ ଏମିତି ଜଣେ ରାଜନୀତିଜ୍ଞଙ୍କୁ ଭେଟି ନାହିଁ, ଯିଏକି ଜଳର ଗୁରୁତ୍ୱ ବୁଝନ୍ତି ନାହିଁ । କିନ୍ତୁ ମୋର ଯାହା ଅନୁଭୂତି, ସେମାନଙ୍କ ମଧ୍ୟରୁ କେହି ବି ଜଳ ସମସ୍ୟା ସମାଧାନର ବାଟ ପାଇ ପାରି ନାହାନ୍ତି ।

ଆଶ୍ଚର୍ଯ୍ୟ ହେବାର ନୁହେଁ, ଏହି ଚଳିତ ଅଭୂତପୂର୍ବ କରାଳ ମରୁଡ଼ିକୁ ମୁକାବିଲା କରିବା ପାଇଁ ସରକାରୀସ୍ତରରେ ହୋଇଥିବା ଉଦ୍ୟମ ସବୁ ପର୍ଯ୍ୟାପ୍ତ ନ ହେଲେ ବି କିଛିଟା ଫଳପ୍ରଦ ନିଶ୍ଚୟ ।

Digitized by srujanika@gmail.com

ଶତାବ୍ଦୀର ଏହି ତଥାକଥିତ ସବୁଠୁ ଭୟଙ୍କର ମରୁଡ଼ିର ଅଶୁଭ ସୂଚନା ଅନେକ ଆଗରୁ ମିଳି ସାରିଥିଲା । ସେପ୍ଟେମ୍ବର ୧୯୯୯ ମସିହାରେ ଯେତେବେଳେ ଲୋକସଭା ନିର୍ବାଚନ ଅନୁଷ୍ଠିତ ହେଉଥିଲା ସେତେବେଳେ ଲାଲକୃଷ୍ଣ ଆଡ଼୍‌ୱାଣୀଙ୍କୁ ସୌରାଷ୍ଟ୍ରରେ, "ପହେଲେ ପାନି, ଫିର୍ ଆଡ଼୍‌ୱାଣୀ" ସ୍ଲୋଗାନର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଅନେକ ଆଗରୁ ଡ଼ିସେମ୍ବର ମାସରେ ଜଳାଭାବହେତୁ ଉତ୍ତର ଗୁଜୁରାଟର ଅନେକ ଗ୍ରାମବାସୀ ଘର ଛାଡ଼ିବା ଆରମ୍ଭ କରିଦେଇଥିଲେ । ବର୍ଷା ଋତୁ ପାର ହୋଇଗଲା ପରେ, ମରୁଡ଼ିକାଳୀନ ସାହାଯ୍ୟ ମୂଳକ କାମ, ଟ୍ୟାଙ୍କର୍ ଦ୍ଵାରା ଜରୁରୀକାଳୀନ ଜଳ ଯୋଗାଣ ଓ ଭୂତଳର ଗଭୀରତମ ଭାଗରେ ଥିବା ଅବଶିଷ୍ଟ ଜଳକୁ କାଢ଼ିବା ନିମନ୍ତେ ବୋରିଂ କୂଅ ଖନନ ଭଳି କିଛି ଜରୁରୀ କାଳୀନ ସାହାଯ୍ୟ ବ୍ୟତୀତ ସରକାର ଜଳ ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ଆଉ କିଛି କରି ପାରିଲେ ନାହିଁ ।

ତେବେ ଏହା ଯଥେଷ୍ଟ ନୁହେଁ । ଗୁଜୁରାଟ, ରାଜସ୍ଥାନରେ ଯାହା ଘଟୁଛି, ତାକୁ ଅନେକ ଲୋକ "ପ୍ରାକୃତିକ ବିପର୍ଯ୍ୟୟ"ର ଆଖ୍ୟା ଦେଇ ପାରନ୍ତି । କିନ୍ତୁ ବାସ୍ତବରେ ଏହା ସତ୍ୟର ଅପଳାପ । ଏହି ବିପର୍ଯ୍ୟୟ ଯେ ସଂପୂର୍ଣ୍ଣ ଭାବେ ମନୁଷ୍ୟକୃତ କିମ୍ବା ସରକାରକୃତ, ଭଲଭାବରେ ବିଶ୍ଳେଷଣ କଲେ ତାହା ବୁଝା ପଡ଼ିଥାଏ ।

ସାରଣୀ-୧ - ଏପ୍ରିଲ୍ ୨୦୦୦ରେ ଗୁଜୁରାଟରେ ମିଳୁଥିବା ପାନୀୟ ଜଳ

ସ୍ଥାନ	ମିଳୁଥିବା ପାନୀୟ ଜଳ
ରାଜକୋଟ (୧)	ପ୍ରତି ଦିନେ ଛଡା ଦିନେ, ୩୦ ମିନିଟ୍ ପାଇଁ
ଜାମନଗର, ଯଶଦାନ ଏବଂ ଆମରେଲି (୧)	ପ୍ରତି ତିନି ଦିନରେ ଦିନେ, ୨୦ ମିନିଟ୍ ପାଇଁ
ଯୋଡିୟା ସହର, ଜାମନଗର ଜିଲ୍ଲା (୨)	୧୨ ଦିନରେ ଦିନେ, ୨୦ ମିନିଟ୍ ପାଇଁ
ଧ୍ରୋଲ୍ ସହର, ଜାମନଗର ଜିଲ୍ଲା (୨)	ସମୁଦାୟ ଜନସଂଖ୍ୟାର ଅଧା ଲୋକ ଆଠଦିନରେ ଥରେ ପାଣି ପାଆନ୍ତି ।

ଆଧାର

୧. ଜନ୍ୟାଳା ଶ୍ରୀନିବାସ ୨୦୦୦, ଫରଗେଟ୍ ଦି ସେନ୍‌ସେକ୍ସ ଫର ଏ ସେକେଣ୍ଡ, ଲୁକ୍ ହ୍ଵାଟ୍ ଏଲ୍‌ସ ଇଜ୍ ଗୋଇଙ୍ଗ ଡାଉନ୍, ଇଣ୍ଡିଆନ୍ ଏକ୍ସପ୍ରେସ୍, ନୂଆଦିଲ୍ଲୀ, ଏପ୍ରିଲ୍ ୧୯, ପୃ-୧ ।

୨. ଜନ୍ୟାଳା ଶ୍ରୀନିବାସ ୨୦୦୦, ୱାନ୍‌ସ ଏ ଫର୍ଟନାଇଟ୍ ଦେ ଗେଟ୍ ଏ ଫିଉ ଡ୍ରପ୍‌ସ ଆଣ୍ଡ ଦାଟ୍ ଟୁ ଫର୍ ଟ୍ୱେଣ୍ଟି ମିନିଟ୍‌ସ । ଇଣ୍ଡିଆନ ଏକ୍ସପ୍ରେସ୍, ନୂଆଦିଲ୍ଲୀ ଏପ୍ରିଲ୍ ୨୧, ପୃ-୧ ।

ସତ କହିବାକୁ ଗଲେ ଏହା "ମନୁଷ୍ୟ କୃତ" କିମ୍ବା "ସରକାର କୃତ" ବିପର୍ଯ୍ୟୟ । ବିଗତ ୧୦୦ ବର୍ଷ ଭିତରେ ସମଗ୍ର ବିଶ୍ଵ ତଥା ଭାରତ ଦୁଇ ପ୍ରକାର ଜଳ ପରିଚାଳନା ଯୋଜନା ଦେଖି ସାରିଛନ୍ତି । ପ୍ରଥମତଃ ବ୍ୟକ୍ତି ଓ ଗୋଷ୍ଠୀ ସମୂହ ଦୃଢ଼ତାର ସହିତ ରାଷ୍ଟ୍ର ପ୍ରତି ସେମାନଙ୍କର ଉତ୍ସର୍ଗୀକୃତ ଭୂମିକା ସମ୍ପୂର୍ଣ୍ଣ ଭାବେ ନିଭାଇଛନ୍ତି । ମାତ୍ର ଦେଢ଼ଶହ ବର୍ଷ ପୂର୍ବକୁ ଫେରିଗଲେ ଜଣାଯାଏ ଯେ ବିଶ୍ଵରେ

Digitized by srujanika@gmail.com

କୌଣସି ଅଞ୍ଚଳରେ କେବେ ମଧ୍ୟ କୌଣସି ସରକାର କିମ୍ବା ରାଷ୍ଟ୍ର ଜନସାଧାରଣଙ୍କୁ ଜଳ ଯୋଗାଣ କରି ନ ଥିଲା । ଦ୍ୱିତୀୟଟି ହେଲା, ସାରାବିଶ୍ୱରେ ବର୍ଷାଜଳ ବ୍ୟବହାର କରିବାର ସହଜ କୌଶଳଟିର ଉପଯୋଗ କମିଛି ଏବଂ ଏହା ସ୍ଥାନରେ ବନ୍ଧ ଓ ନଳକୂପ ଦ୍ୱାରା ନଦୀ ଜଳ ଓ ଭୂତଳ ଜଳର ଶୋଷଣ ପ୍ରକ୍ରିୟା ଜଳ ଆପୂର୍ତ୍ତିର ପ୍ରମୁଖ ଉତ୍ସ ପାଲଟିଛି । ନଦୀ ଏବଂ ଅନ୍ୟାନ୍ୟ ଜଳାଶୟର ସମଗ୍ର ବର୍ଷା ଜଳର ଏକ କ୍ଷୁଦ୍ର ଅଂଶ ହୋଇଥିବାରୁ ଭୂତଳ ଜଳ ଓ ନଦୀଜଳ ଉପରେ ନିର୍ଭର କରିବା ଏକ ପ୍ରକାର ଅନିର୍ବାର୍ଯ୍ୟ ହୋଇପଡ଼ିଛି ଏବଂ ଅଧିକାଂଶ ସ୍ଥଳେ ଏପରି ଜଳ ଉତ୍ସ ଉପରେ ଅସହନୀୟ ଚାପ ବୃଦ୍ଧି ପାଉବାରେ ଲାଗିଛି ।

ଜଳ ପାଇଁ ରାଷ୍ଟ୍ର ଉପରେ ନିର୍ଭର କରିବାର ଅର୍ଥ ହେଲା, ଜଳ ଯୋଗାଣର ମୂଲ୍ୟରେ ପ୍ରଚଣ୍ଡ ବୃଦ୍ଧି, ଅପରପକ୍ଷରେ ମୂଲ୍ୟ ଫେରି ପାଇବାର ଅବସ୍ଥା ଠିକ ନଥିବା ହେତୁ ଜଳ ଯୋଜନାମାନଙ୍କର ଆର୍ଥିକ ସ୍ୱାବଲମ୍ବନଶୀଳତା ଏକ ସଙ୍କଟ ଜନକ ସ୍ଥିତିରେ ପହଞ୍ଚିଛି ଏବଂ ଏସବୁର ମରାମତି ଓ ରକ୍ଷଣା ବେକ୍ଷଣ କାର୍ଯ୍ୟ ମଧ୍ୟ ନିକୃଷ୍ଟ ଧରଣର ହେଉଛି । ଯତ୍ନର ସହିତ ଜଳକୁ ବ୍ୟବହାର କରିବାରେ ଲୋକଙ୍କର ଆଗ୍ରହ ନଥିବା ହେତୁ, ଜଳ ସମ୍ବଳର ଦୀର୍ଘ ସ୍ଥାୟୀତ୍ୱ ଏକ ପ୍ରଶ୍ନବାଚୀ ହୋଇ ପଡ଼ିଛି । ଆଜି ଆମେ ଚାରି ଆଡେ ଏହି ସମସ୍ୟା ଦେଖୁଛୁ । ଏହାର ଫଳ ସ୍ୱରୂପ ସରକାରୀ ପାନୀୟ ଜଳ ଯୋଗାଣ ଯୋଜନାମାନଙ୍କରେ ଗୁରୁତର ସମସ୍ୟା ପରିଲକ୍ଷିତ ହେଉଛି । ସରକାରଙ୍କର ସମସ୍ତ ଚେଷ୍ଟା ସତ୍ତ୍ୱେ ଜଳସଙ୍କଟର ସମ୍ମୁଖୀନ ହେଉଥିବା ଗାଁ ଗୁଡିକର ସଂଖ୍ୟା କମିବାର ନାହିଁ । ଭୂତପୂର୍ବ ଗ୍ରାମ୍ୟ ଉନ୍ନୟନ ସେକ୍ରେଟାରୀ ଏନ୍.ସି. ସାକ୍ସେନାଙ୍କ ମତ ଅନୁସାରେ, ଆମ ଗଣିତରେ ୨୦୦,୦୦୦ ସମସ୍ୟାଯୁକ୍ତ ଗାଆଁ – ୨୦୦,୦୦୦ ସମସ୍ୟା ଯୁକ୍ତ ଗାଁ = ୨୦୦,୦୦୦ ସମସ୍ୟାଯୁକ୍ତ ଗାଁ । (ଦ୍ରଷ୍ଟବ୍ୟ - ଗ୍ରାଫ୍-୧ ଅସରନ୍ତି କାର୍ଯ୍ୟକ୍ରମ : ସରକାରୀ ଗ୍ରାମାଞ୍ଚଳ ପାନୀୟଜଳ ଯୋଗାଣ ଯୋଜନାରେ ଲିପିବଦ୍ଧ ତଥ୍ୟ) ।

ହାରାହାରି ବୃଷ୍ଟିପାତ ଦୃଷ୍ଟିରୁ ବିଶ୍ୱରେ ଐଶ୍ୱର୍ଯ୍ୟ ଏବଂ ପ୍ରାଚୁର୍ଯ୍ୟଭରା ରାଷ୍ଟ୍ରମାନଙ୍କ ମଧ୍ୟରୁ ଭାରତ ଅନ୍ୟତମ । ତେଣୁ ଭାରତ ପକ୍ଷେ ମରୁଡି ଗ୍ରସ୍ତ ହେବାର କିଛି କାରଣ ନାହିଁ । ଏହି ବର୍ଷ କିମ୍ବା ଆଗାମୀ ବର୍ଷ ମାନଙ୍କରେ ଦେଶକୁ କିପରି ମରୁଡି ନିରୋଧ କରାଯାଇ ପାରିବ, ସେ ସମ୍ପର୍କରେ ଚଳିତ ଜଳ ସଙ୍କଟରୁ ଆମର ଯୋଜନା ପ୍ରଣୟନକାରୀମାନେ ଶିକ୍ଷା ଲାଭ କରିବା ଉଚିତ୍ ଯେ ଯଦି ଦେଶ ଏଥିରେ ଆନ୍ତରିକତାର ସହିତ ମୁଣ୍ଡ ଖେଳାଏ ତାହାହେଲେ ଦଶବର୍ଷରୁ କମ୍ ସମୟ ମଧ୍ୟରେ ଏ ଦାୟୀତ୍ୱ ସହଜରେ ସମ୍ପନ୍ନ କରାଯାଇପାରିବ ।

ସରକାର ଅବଶ୍ୟ ଜଳସମ୍ପଦ ବିକାଶରେ ଆଜିଯାଏଁ ବହୁତ ପରିମାଣର ପୁଞ୍ଜି ବିନିଯୋଗ କରିଛନ୍ତି । କିନ୍ତୁ ଏହି କାର୍ଯ୍ୟକ୍ରମ ଗୁଡିକ ମୁଖ୍ୟତଃ ନିମ୍ନୋକ୍ତ ବିଷୟ ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି ।

(କ) ସବୁଜ ବିପ୍ଳବ ପ୍ରଣାଳୀରେ କୃଷିଭିତ୍ତିକ ଉତ୍ପାଦନ ବୃଦ୍ଧି ପାଇଁ ବୃହତ୍ ଜଳସେଚନ ପ୍ରକଳ୍ପର ବିକାଶ ଏବଂ

Digitized by srujanika@gmail.com

(ଖ) ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ରମ ।

ସରକାର ପ୍ରଚୁର ଅର୍ଥ ବିନିଯୋଗ କରିଥିବା ସତ୍ତ୍ୱେ ଆଜି ମଧ୍ୟ ଦେଶର ଏକ ବିଶାଳ ଭାଗ ମରୁଡି ପ୍ରବଣ ଭାବେ ରହିଛି । ଏହାର କାରଣ ହେଉଛି, ଯେଉଁଠି ଗୋଟିଏ ଋତୁରୁ ଆଉଗୋଟିଏ ଋତୁ ଏପରିକି ଗୋଟିଏ ବର୍ଷରୁ ଅନ୍ୟ ଗୋଟିଏ ବର୍ଷ ମଧ୍ୟରେ ବୃଷ୍ଟିପାତରେ ବଡଧରଣର ପାର୍ଥକ୍ୟ ପରିଲକ୍ଷିତ ହେଉଛି, ସେହିଭଳି ବୃଷ୍ଟିପାତ ହେଉଥିବା ଅଞ୍ଚଳକୁ ମରୁଡି ନିରୋଧ କରିବା ପାଇଁ କୌଣସି ସ୍ୱତନ୍ତ୍ର ଉଦ୍ୟମ କରାଯାଇ ନାହିଁ । ପୁନଶ୍ଚ ଜଳ ପ୍ରବାହ କ୍ଷେତ୍ରରେ ସରକାର ଯଥେଷ୍ଟ ହସ୍ତକ୍ଷେପ କରିଛନ୍ତି, କିନ୍ତୁ ଜଳ ପ୍ରବାହ ବ୍ୟବସ୍ଥାର ପ୍ରକୃତି ପ୍ରଭାବିତ ସ୍ଥିତାବସ୍ଥା ବଜାୟ ରଖିବା ପାଇଁ ଅପେକ୍ଷାକୃତ କମ୍ ପଦକ୍ଷେପ ନେଇଛନ୍ତି । ଆମେ ଭୂତଳ ଜଳକୁ ଯେପରି ବ୍ୟବହାର କରୁଛୁ, ତାହା ଆମ ଦେଶର ଜଳପ୍ରବାହ ବ୍ୟବସ୍ଥାରେ ଅସଙ୍ଗତିର ଏକ ସ୍ପଷ୍ଟ ନମୁନା । ଲଗାତର ଭାବେ ଏ ଦେଶ ଭୂତଳ ଜଳର ଶୋଷଣ କରି ଆସୁଅଛି, କିନ୍ତୁ ଭୂତଳ ଜଳ ଉତ୍ସକୁ ପୁନଃ ପରିପୁଷ୍ଟ କରିବାପାଇଁ କୌଣସି ବ୍ୟବସ୍ଥା କରାଯାଉ ନାହିଁ । ଫଳତଃ ସମଗ୍ର ଦେଶରେ ଭୂତଳ ଜଳସ୍ତର ନିମ୍ନଗାମୀ ହେବାରେ ଲାଗିଛି । ଏହା ସତ ଯେ ଦେଶରେ ଶତକଡା ୯୦ ଭାଗ ଗ୍ରାମାଞ୍ଚଳର ଲୋକ ଭୂତଳ ଜଳରୁ ହିଁ ସେମାନଙ୍କର ପାନୀୟ ଜଳ ସଂଗ୍ରହ କରିଥାଆନ୍ତି ଆଉ ଏହି ଜଳ ସ୍ତରର ହ୍ରାସ କମ୍ ବୃଷ୍ଟିପାତ ହେଉଥିବା ବର୍ଷମାନଙ୍କରେ ଗୁରୁତର ସମସ୍ୟାର ରୂପନେଇ ଏକ ଆପଦକାଳୀନ ସ୍ଥିତି ସୃଷ୍ଟି କରିଥାଏ । ଅବଶ୍ୟ କୂଅ ଗୁଡିକ ନଳକୂଅ ଓ ବୋରିଂ କୂଅ ତୁଳନାରେ ଆଗ ଶୁଖିଲା ପଡ଼ି ଯାଉଥିବାରୁ, ଯେଉଁ ଗରିବ ଲୋକମାନେ କୂଅ ଉପରେ ନିର୍ଭର କରନ୍ତି, ସେମାନେ ପ୍ରଥମେ ହଇରାଣ ହୁଅନ୍ତି ।

ଦେଶକୁ ମରୁଡ଼ି ନିରୋଧକ କରିବା କ୍ଷେତ୍ରରେ ଆବଶ୍ୟକ ହେଉଥିବା ଉଦ୍ୟମ ପ୍ରତି ସରକାର ଆଦୌ ଧ୍ୟାନ ଦେଇ ନାହାନ୍ତି କହିଲେ ଚଳେ ।

ଗ୍ରାଫ୍ - ୧ ଅସରନ୍ତି କାର୍ଯ୍ୟକ୍ରମ ସରକାରୀ ଗ୍ରାମାଞ୍ଚଳ ପାନୀୟ ଜଳ ଯୋଗାଣ ଯୋଜନାର ଲିପିବଦ୍ଧ ତଥ୍ୟ

ଏହି ଗ୍ରାଫଟିକୁ ଅନୁଶୀଳନ କଲେ ଜଣାଯାଏ ଯେ, ଦୁଇ ଦୁଇଟି ସର୍ବେକ୍ଷଣ ଦ୍ୱାରା ଅନେକ ଜଳକ୍ଲିଷ୍ଟ ଗାଆଁକୁ ଅନ୍ତର୍ଭୁକ୍ତ କରାଯାଇ ପ୍ରତିକାର କରାଯାଇ ଥିଲେ ମଧ୍ୟ, ଆମ ଦେଶରେ ଦିନକୁ ଦିନ ଜଳକ୍ଲିଷ୍ଟ ଗାଆଁର ସଂଖ୍ୟା ବଢିବାରେ ଲାଗିଛି । ଉଦାହରଣ ସ୍ୱରୂପ ହିସାବ ଅନୁଯାୟୀ ଆମଦେଶରେ ୧୯୮୦ ମସିହାରେ ୫୬,୦୦୦ରୁ ଅଧିକ ଜଳକ୍ଲିଷ୍ଟ ଗାଆଁ ରହିବା ଉଚିତ୍ ନୁହେଁ, କିନ୍ତୁ ସେତେବେଳେ ୨୩୧,୦୦୦ଟି ଜଳକ୍ଲିଷ୍ଟ ଗାଆଁ ଥିଲା । ସ୍ୱାଭାବିକ୍ କଥା, ଯେଉଁ ପରିମାଣର ଅର୍ଥ ଏଇ ଯୋଜନାରେ ବିନଯୋଗ ହୋଇଛି ଓ ଯେଉଁ ପଦ୍ଧତି ବ୍ୟବହୃତ ହୋଇଛି ସେ ସବୁ ଅସ୍ଥାୟୀ ଥିଲା । ଭୂତପୂର୍ବ ଗ୍ରାମ୍ୟ ଉନ୍ନୟନ ସେକ୍ରେଟାରୀ ଏନ୍.ସି. ସାକ୍‌ସେନାଙ୍କ କହିବାମତେ, "ଆମ ଗଣିତରେ ୨୦୦,୦୦୦ ଜଳକ୍ଲିଷ୍ଟ ଗାଆଁ - ୨୦୦,୦୦୦ ଜଳକ୍ଲୀଷ୍ଟ ଗାଆଁ = ୨୦୦,୦୦୦ ଜଳକ୍ଲିଷ୍ଟ ଗାଆଁ !"

Digitized by srujanika@gmail.com



ସମସ୍ୟାଯୁକ୍ତ ଗାଆଁ ସର୍ବେକ୍ଷଣର ବର୍ଷ :

● ଚିହ୍ନଟ କରାଯାଇଥିବା ଜଳକ୍ଲୀଷ୍ଟ ଗାଆଁ

▲ ନିର୍ଦ୍ଦିଷ୍ଟ ସର୍ବେକ୍ଷଣ ସମୟରେ ପ୍ରତିକାରାତ୍ମକ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଗାଆଁ ସଂଖ୍ୟା ।

■ ବାକି ରହିଯାଇଥିବା ଅବଶିଷ୍ଟ ଗାଆଁ ସଂଖ୍ୟା ।

ସର୍ବେକ୍ଷଣ ବର୍ଷ	ଚିହ୍ନଟ କରାଯାଇଥିବା ଜଳକ୍ଲୀଷ୍ଟ ଗାଆଁ ସଂଖ୍ୟା	ପରବର୍ତ୍ତୀ ସର୍ବେକ୍ଷଣ ପର୍ଯ୍ୟନ୍ତ ପ୍ରତିକାର ବ୍ୟବସ୍ଥା ସମ୍ପୂର୍ଣ୍ଣ କରାଯାଇଥିବା ଗାଁ ସଂଖ୍ୟା	ପରବର୍ତ୍ତୀ ସର୍ବେକ୍ଷଣ ପୂର୍ବରୁ ବାକି ରହିଥିବା ଗାଆଁ ସଂଖ୍ୟା
୧୯୭୨	୧୫୦,୦୦୦	୯୪,୦୦୦	୫୬,୦୦୦
୧୯୮୦	୨୩୧,୦୦୦	୧୯୨,୦୦୦	୩୯,୦୦୦
୧୯୮୫	୧୬୧,୭୨୨	୧୬୧,୬୫୨	୭୦
୧୯୯୪	୧୪୦,୯୭୫	୧୧୦,୩୭୧	୩୦,୬୦୪
୧୯୯୭	୬୧,୭୪୭		

ଆଧାର ଏନ୍.ସି.ସାକ୍ସେନା, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ, ଭାରତ ସରକାର

Digitized by srujanika@gmail.com

୧. ଗୋଷ୍ଠୀ ସମୂହ ଏବଂ ବର୍ଷା :

ଆମ ଦେଶରେ ବିଭିନ୍ନ ଅଞ୍ଚଳରେ ପ୍ରଚଳିତ ଅତୀତର ଗୋଷ୍ଠୀଗତ ବର୍ଷାଜଳ ଅମଳ କୌଶଳକୁ ଏବେ ମଧ୍ୟ ଦୃଷ୍ଟାନ୍ତ ଭାବେ ଗ୍ରହଣ କରିବାର ଯଥେଷ୍ଟ ପ୍ରାସଙ୍ଗିକତା ରହିଛି । ଗୁଜୁରାଟ ଓ ପଶ୍ଚିମ ମଧ୍ୟପ୍ରଦେଶର ଅଧିକାଂଶ ମରୁଡିଗ୍ରସ୍ତ ଗାଁ ମାନଙ୍କ ମଧ୍ୟରୁ ଝାବୁଆ ଜିଲ୍ଲାର ଘେଲହର ଚୋଟି, ଦାହୋଡ ଜିଲ୍ଲାର ଥୁଣ୍ଡିକନକାଶିୟା, ରାଜକୋଟ ଜିଲ୍ଲାର ରାଜସମଧିୟାଲା ଓ ମାଣ୍ଡିକପୁର ଏବଂ କଚ୍ଛ ଜିଲ୍ଲାର ଗାନ୍ଧୀଗ୍ରାମଠାରେ ଗତ ଡିସେମ୍ବର (୧୯୯୯) ମାସରେ ବିଜ୍ଞାନ ଓ ପରିବେଶ କେନ୍ଦ୍ର ତରଫରୁ କରାଯାଇଥିବା ସର୍ବେକ୍ଷଣରୁ ଦେଖାଯାଉଛି ଯେ, ଯେଉଁ ଗାଁ ଗୁଡିକ ଆଗରୁ ବର୍ଷା ଜଳ ଅମଳ ଏବଂ ଜଳ ବିଭାଜିକା ବିକାଶ କାର୍ଯ୍ୟକ୍ରମ ହାତକୁ ନେଇଥିଲେ, ସେଠି ପାନୀୟ ଜଳର ସମସ୍ୟା ନଥିଲା ଏବଂ ଏପରିକି ସେମାନଙ୍କର ଫସଲର ଜଳସେଚନ ପାଇଁ କିଛି ବଳକା ଜଳ ବି ବିନିଯୋଗ ହୋଇଥିଲା । ଅନ୍ୟ ପକ୍ଷରେ ପଡୋଶୀ ଗାଁ ଗୁଡିକରେ ଲୋକମାନେ ଜଳ ପାଇଁ ହତାଶ ହୋଇ ପଡୁଥିଲେ ଏବଂ ଗ୍ରୀଷ୍ମ ଋତୁ ଆସିଲାକ୍ଷଣି ସେମାନେ ଗାଁ ଛାଡି ପଳାଇଯିବାକୁ ଯୋଜନା କରୁଥିଲେ । ଏହି ସର୍ବେକ୍ଷଣ ଦର୍ଶାଏ ଯେ, ବର୍ଷାଜଳ ଅମଳ ଯୋଜନା ଏକ ଭୟଙ୍କର ମରୁଡି ପରିସ୍ଥିତିକୁ ମୁକାବିଲା କରିବା ପାଇଁ ମଧ୍ୟ ସକ୍ଷମ ହୋଇଥାଏ । ମାର୍ଚ୍ଚ (୨୦୦୦) ଶେଷ ଆଡକୁ ଆମ ଭିତରେ ଥିବା ଦୃଢ ବିଶ୍ୱାସ ଆହୁରି ଦୃଢ ହୋଇଗଲା । ଭାଓନ୍ତା କୋଲ୍ୟାଲା ଗାଁକୁ "ଡାଉନ୍ ଟୁ ଆର୍ଥ - ଜୋସେଫ୍ ସି ଜନ୍" ପୁରସ୍କାର ଦେବା ପାଇଁ ରାଷ୍ଟ୍ରପତି କେ.ଆର. ନାରାୟଣଙ୍କ ସହ ହେଲିକପ୍ଟର ଯୋଗେ ଆର୍ବରୀ ଜଳ ବିଭାଜିକା ନିକଟକୁ ଗଲାବେଳେ, ଦିଲ୍ଲୀରୁ ଅଲୱାର ପର୍ଯ୍ୟନ୍ତ ବାଟ ସାରା ଆମେ ଅନୁର୍ବର, ନିରସ, ଗୁଳ୍ମଲତା ଶୂନ୍ୟ ଜମି ବ୍ୟତୀତ ଆଉ କିଛି ଦେଖିବାକୁ ପାଇଲୁ ନାହିଁ । ଏହି ଅଞ୍ଚଳ କ୍ରମାଗତ ଭାବେ ଦ୍ୱିତୀୟ ଥର ପାଇଁ ମରୁଡି ଗ୍ରସ୍ତ ହୋଇଥିଲା । କିନ୍ତୁ କିଛି ସମୟପରେ ହଠାତ୍ ଆମେ ଏକ ସବୁଜ ଓ ସ୍ୱର୍ଣ୍ଣ କ୍ଷେତର ସନ୍ଧାନ ପାଇଲୁ ଏବଂ ଆମର ହୃଦ୍‌ବୋଧ ହେଲା ଯେ ଆମେ ଆର୍ବରୀ ଜଳ ବିଭାଜିକା ମରୁଦ୍ୱୀପରେ ପହଞ୍ଚି ସାରୁଣି, ଯେଉଁଠି ଅନେକ ଗାଆଁ ବିଗତ ୫-୧୦ ବର୍ଷ ଭିତରେ ଶତାଧିକ ବର୍ଷାଜଳ ଅମଳ ସଂରଚନାମାନ ନିର୍ମାଣ କରିଛନ୍ତି । ବର୍ଷା ଜଳ ଅମଳ ଗୁରୁତ୍ୱ ଉପଲବ୍ଧି କରିବା କାହାରି ପକ୍ଷରେ ବାକି ରହିଲା ନାହିଁ । ରାଷ୍ଟ୍ରପତି ଉଣା ଅଧିକେ ମୃତବତ୍ ଆର୍ବରୀ ନଦୀକୁ ଦେଖିଲେ । ଆର୍ବରୀ ଯେ ଦୁଇ ଦୁଇଟା ମରୁଡିର ଭାର ବହନ କରିବା ପାଇଁ ଅକ୍ଷମ, ଏକଥା ସହଜରେ ଅନୁଭବ କରି ହେଉଥାଏ । କିନ୍ତୁ ବର୍ଷାଜଳ ଅମଳ ପ୍ରକଳ୍ପ ପ୍ରଭାବରେ କୂଅ ସବୁ ଜଳପୂର୍ଣ୍ଣ ଥିଲା ତେଣୁ ଜମି ସବୁ ଉର୍ବର ଓ ଉତ୍ପାଦନକ୍ଷମ ଥିଲା ଏବଂ ଗ୍ରାମବାସୀମାନେ ଯଥେଷ୍ଟ ଖୁସି ଥିଲେ ।

- ▲ ସମୂହ ବର୍ଷାଜଳ ଅମଳ ପ୍ରକ୍ରିୟାରେ ସମଗ୍ର ଦେଶକୁ ମରୁଡି ନିରୋଧକ କରାଯାଇ ପାରିବାର ସମ୍ଭାବନା ରହିଛି ।
- ▲ ଆମର ପୂର୍ବ ପୁରୁଷମାନେ ପାରମ୍ପରିକ ରୀତିରେ ପୁଷ୍କରିଣୀ, ଜିଙ୍ଗ୍, ଅହର ଏବଂ ଯୋହାଡ୍ ଜରିଆରେ ଜଳ ଅମଳ କରି ବିଶେଷ ଉପକୃତ ହେବାର ଦୃଷ୍ଟାନ୍ତ ରହିଛି ।

Digitized by srujanika@gmail.com

୨- ବର୍ଷାଜଳ ଅମଳ କରିବାର ସମ୍ଭାବନା ଅଧିକ ପ୍ରାଧାନ୍ୟ ଲାଭ କରୁଛି

ସହଜରେ ପ୍ରଚୁର ବର୍ଷାଜଳ ଉପଲବ୍ଧ ହେଉଥିବାରୁ ଆମ ଭିତରୁ ଖୁବ୍ କମ୍ ଲୋକ ଏହାର ଗୁରୁତ୍ୱ ହୃଦୟଙ୍ଗମ କରିପାରନ୍ତି । ଏହି ଜଳ, ଯାହାର ଅନ୍ୟଅର୍ଥ ଜୀବନ, ତାହା ଖୁବ୍ କମ୍ ସମୟ ମଧ୍ୟରେ ଅଦୃଶ୍ୟ ହୋଇଯାଏ । କଳ୍ପନା କରନ୍ତୁ, ଭାରତର ଶୁଷ୍କତମ ଜାଗା ମାନଙ୍କ ମଧ୍ୟରୁ ଅନ୍ୟତମ ଗୁଜରାଟର ବାଡ଼୍ମେର୍‌ରେ ଗୋଟିଏ ହେକ୍ଟର ଜମି ଅଛି ଏବଂ ବର୍ଷକୁ ଆପଣ ୧୦୦ ମିଲିମିଟର ବର୍ଷା ଜଳ ପାଉଛନ୍ତି, ଯାହା ସେହି ଅଞ୍ଚଳ ପାଇଁ ସାଧାରଣ ବୃଷ୍ଟିପାତ । ଅନ୍ୟ ଅର୍ଥରେ ଆପଣ ବର୍ଷକୁ ଏକ ନିୟୁତ ଲିଟର ପରିମାଣର ପାଣି ପାଉଛନ୍ତି, ଯାହା ବ୍ୟକ୍ତି ପିଛା ଦୈନିକ ୧୫ଲିଟର ହିସାବରେ ୧୮୨ ଜଣ ଲୋକଙ୍କର, ବର୍ଷସାରା ରନ୍ଧନ ଓ ପାନୀୟ ଜଳର ଆବଶ୍ୟକତା ପୂରଣ ପାଇଁ ଯଥେଷ୍ଟ ହେବ । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଜମି ଯଦି ସଠିକ୍ ଭାବେ ଗଡାଣିଆ ହୋଇନଥାଏ କିମ୍ବା ଏକା ଅସରାକେ ପର୍ଯ୍ୟାପ୍ତ ବର୍ଷା ନହୁଏ ତାହେଲେ ସମ୍ପୂର୍ଣ୍ଣ ଜଳ ଅମଳ ହୋଇ ପାରେ ନାହିଁ । ଏଭଳି ପରିସ୍ଥିତିରେ କୌଣସି ଉନ୍ନତ ଜ୍ଞାନକୌଶଳ ପ୍ରୟୋଗ ନକରି ମଧ୍ୟ ଆପଣ ଅନ୍ତତଃ ପକ୍ଷେ ବର୍ଷକୁ ଅଧନିୟୁତ ଲିଟର ପାଣି ଧରି ରଖି ପାରିବେ । ପ୍ରକୃତରେ କେବଳ ବର୍ଷା ଜଳ ଅମଳର ଏଇ ମୌଳିକ ଜ୍ଞାନକୌଶଳଟିକୁ ପାଥେୟ କରି ଲୋକମାନେ ଥର୍ ମରୁଭୂମିରେ ବସବାସ କରିବାକୁ ଆସିଥିଲେ ଏବଂ ବିଶ୍ୱର ଅନ୍ୟ ମରୁଭୂମିମାନଙ୍କ ତୁଳନାରେ ଥର୍ ମରୁଭୂମି ହିଁ ସବୁଠାରୁ ଜନଗହଳିପୂର୍ଣ୍ଣ ମରୁଭୂମିରେ ପରିଣତ ହେଲା । ବାର୍ଷିକ ୨୦୦୦ ମିଲିମିଟର ବୃଷ୍ଟିପାତ ହେଉଥିବା ପୂର୍ବ ଭାରତର ଲୋକମାନଙ୍କୁ ଏକ ନିୟୁତ ଲିଟର ଜଳ ଧରି ରଖିବା ପାଇଁ ମାତ୍ର ୫୦୦ ବର୍ଗମିଟର ଯାଗା (୨୨ମିଟର × ୨୨ ମିଟର) ଆବଶ୍ୟକ । ଏହା ମଧ୍ୟ ଉଲ୍ଲେଖନୀୟ ଭାବେ କୌତୁହଳୋଦ୍ଦୀପକ ଯେ, ବୃଷ୍ଟିପାତର ପରିମାଣ ଅନୁସାରେ ଗ୍ରାମାଞ୍ଚଳର ଜନସଂଖ୍ୟା ବୃଦ୍ଧି ହୋଇଥାଏ । ଉଦାହରଣ ସ୍ୱରୂପ ଗୁଜରାଟର ବାଡ଼୍ମେର୍‌ରେ କମ୍ ବୃଷ୍ଟିପାତ ହୁଏ ଓ ସେଠି କମ୍ ଲୋକ ବାସ କରନ୍ତି ଏବଂ ଜଣ ପିଛା ଅଧିକ ଜମି ମିଳିଥାଏ, ଯେତେବେଳେ କି ପଶ୍ଚିମବଙ୍ଗର ଚବିଶ ପ୍ରଗଣା ଅଞ୍ଚଳରେ ବେଶି ବୃଷ୍ଟିପାତ ହୁଏ ଓ ସେଠି ବେଶି ଲୋକ ବାସ କରନ୍ତି ଏବଂ ମୁଣ୍ଡ ପିଛା କମ୍ ଜମି ମିଳିଥାଏ ।

ଚଳିତ ବର୍ଷ ମରୁଡି ସଙ୍କଟ ଦେଖା ଦେଇଥିବା ଗାଁମାନଙ୍କରେ ସତେ ଯେମିତି ବୃଷ୍ଟିପାତ ହୋଇନଥିଲା, ଏମିତି ନୁହେଁ । ଆନ୍ଧ୍ରପ୍ରଦେଶ, ଓଡ଼ିଶା ଏବଂ ପଶ୍ଚିମ ମଧ୍ୟପ୍ରଦେଶ ଭଳି ଅନେକ ଅଞ୍ଚଳରେ, ଯଦିଓ ସାଧାରଣ ବର୍ଷା ଠାରୁ କମ୍ ବର୍ଷା ହୋଇଛି, ତଥାପି ମୋଟ ବୃଷ୍ଟିପାତ ୫୦୦ ମି.ମି.ରୁ ଅଧିକ ଯାହାକୁ ଯଥେଷ୍ଟ ବୋଲି ବିବେଚିତ କରାଯାଇପାରେ । ଅତି ଶୋଚନୀୟ ଭାବେ ମରୁଡିଗ୍ରସ୍ତ ସୌରାଷ୍ଟ୍ର ଓ କଚ୍ଛରେ ହାରାହାରି ବାର୍ଷିକ ବୃଷ୍ଟିପାତ ହେଉଛି ୫୬୮ ମିଲିମିଟର । ଖବର କାଗଜର ବିବରଣୀ ଅନୁସାରେ ଏହି ବର୍ଷ ବୃଷ୍ଟିପାତ ହତାଶଜନକ କିନ୍ତୁ ତଥାପି ୨୦୦ ମିଲିମିଟର ଥିଲା । କିନ୍ତୁ ସେଥିରେ ଯାଏ ଆସେ ନାହିଁ, ଯଦି ଆପଣ ତାହାକୁ ଧରି ରଖି ପାରି ନାହାନ୍ତି ତାହେଲେ ଆପଣ ଜଳାଭାବ ଅସୁବିଧା ଭୋଗିବେ ହିଁ ଭୋଗିବେ । ଏହା ବିଶ୍ୱାସଯୋଗ୍ୟ ନ ହୋଇପାରେ, କିନ୍ତୁ ଏହା ସତ୍ୟ ଯେ, ଚେରାପୁଞ୍ଜି, ଯେଉଁଠି ବର୍ଷକୁ ୧୧,୦୦୦ ମିଲିମିଟର ବର୍ଷା ହୋଇଥାଏ, ସେଠିକାର ଲୋକମାନେ ମଧ୍ୟ ପାନୀୟ ଜଳାଭାବ ଅସୁବିଧାର ସମ୍ମୁଖୀନ ହୁଅନ୍ତି । ଏହା ଆଶ୍ଚର୍ଯ୍ୟ ଜନକ ନୁହେଁ କି ?

Digitized by srujanika@gmail.com

ପ୍ରକୃତରେ ଆମେ ଲଗାତର ଯୁକ୍ତି ବାଢି ଆସୁଛୁ ଯେ, ଭାରତରେ ଏମିତି କୌଣସି ଗାଁ ନାହିଁ, ଯେଉଁ ଗାଁ କି, ବର୍ଷା ଜଳ ଅମଳ କରିଆରେ ତାର ରନ୍ଧନ ଓ ପାନୀୟ ନିମନ୍ତେ ଜଳର ମୌଳିକ ଆବଶ୍ୟକତାକୁ ପୂରଣ କରିପାରିବ ନାହିଁ । ଉପଲବ୍ଧ ପରିସଂଖ୍ୟାନକୁ ପର୍ଯ୍ୟାଲୋଚନା କଲେ ଏ ସମ୍ବନ୍ଧରେ ସ୍ପଷ୍ଟ ଧାରଣା କରିହୁଏ । ଭାରତର ବାର୍ଷିକ ହାରାହାରି ବୃଷ୍ଟିପାତ ୧୧୭୦ ମିଲିମିଟର । ଏହା ପଶ୍ଚିମ ଭାରତର ମରୁଭୂମିରେ ହେଉଥିବା ୧୦୦ ମିଲିମିଟର ବୃଷ୍ଟିପାତରୁ ଉତ୍ତର ପୂର୍ବାଞ୍ଚଳ ପାହାଡିଆ ଇଲାକାରେ ହେଉଥିବା ସର୍ବାଧିକ ୧୫,୦୦୦ ମିଲିମିଟର ବୃଷ୍ଟିପାତ ମଧ୍ୟରେ ପରିବର୍ତ୍ତିତ ହୋଇଥାଏ । ପାଖାପାଖି, ଦେଶର ଶତକଡା ୧୨ ଭାଗ ଅଞ୍ଚଳରେ ବର୍ଷକୁ ହାରାହାରି ବୃଷ୍ଟିପାତ ୬୧୦ ମିଲିମିଟରରୁ କମ୍ ହେଉଥିବା ବେଳେ, ଶତକଡା ୮ ଭାଗ ଅଞ୍ଚଳରେ ୨୫୦୦ ମିଲିମିଟରରୁ ଅଧିକ ବର୍ଷାହୋଇଥାଏ । ବର୍ଷକୁ ମୋଟ ୩୬୫ଦିନ ତଥା ୮୭୬୦ଘଣ୍ଟା ଆମର ବାର୍ଷିକ ବୃଷ୍ଟିପାତ ମଧ୍ୟରୁ ଶତକଡା ୫୦ ଭାଗରୁ ଅଧିକ ବୃଷ୍ଟିପାତ ମାତ୍ର ପ୍ରାୟ ୧୫ ଦିନ ଭିତରେ ଏବଂ ୧୦୦ ଘଣ୍ଟାରୁ କମ୍ ସମୟ ମଧ୍ୟରେ ହିଁ ହୋଇଥାଏ । ମୋଟ ବର୍ଷାଦିନ ସଂଖ୍ୟା ଗୁଜୁରାଟ ଏବଂ ରାଜସ୍ଥାନର ମରୁ ଅଞ୍ଚଳରେ ବର୍ଷକୁ ହାରାହାରି ପାଞ୍ଚଦିନ ହେଉଥିବା ବେଳେ, (ଯଦିଓ ଏହି ଦିନମାନଙ୍କରେ ସମୟେ ସମୟେ ପ୍ରବଳ ବର୍ଷାଝଡ ହୋଇଥାଏ), ଉତ୍ତର ପୂର୍ବାଞ୍ଚଳରେ ବାର୍ଷିକ ହାରାହାରି ୧୫୦ଦିନ ବୃଷ୍ଟିପାତ ହେଉଥିବା କଥା ପରିସଂଖ୍ୟାନରୁ ଜଣାପଡେ । ତେଣୁ ଏ ଯେଉଁ ବର୍ଷାଜଳ ଆସିବା ସଙ୍ଗେ ସଙ୍ଗେ ସମୁଦ୍ର ଆଡ଼କୁ ଚାଲିଯାଏ, ତାକୁ ଧରି ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପ୍ରାୟ ସମସ୍ତ ବର୍ଷାଜଳ ମାତ୍ର କେଇଦିନ ଭିତରେ ଭୂପତିତ ହେଉଥିବାର ଅନୁଭୂତିକୁ ପାଥେୟ କରି ଆମର ପୂର୍ବପୁରୁଷମାନେ ବର୍ଷା ଜଳକୁ ଧରି ରଖିବା ପାଇଁ ବିଭିନ୍ନ ପ୍ରକାର କୌଶଳ ଶିଖିଥିଲେ ଯଥା:-

କ) ସେମାନେ ସିଧା ସଳଖ ବର୍ଷା ଜଳ ବିନ୍ଦୁକୁ ଅମଳ କରୁଥିଲେ । ଛାତରୁ ଝରିପଡୁଥିବା ବର୍ଷାଜଳକୁ ସେମାନେ ଅଗଣାରେ କରିଥିବା ଖାତ ଦ୍ୱାରା ସଂଗ୍ରହ କରୁଥିଲେ । ଖୋଲା ସର୍ବସାଧାରଣ ଯାଗାରୁ ସେମାନେ କୃତ୍ରିମ କୂଅ କିମ୍ବା କୁଣ୍ଡ ଦ୍ୱାରା ବର୍ଷା ଜଳ ସଂଗ୍ରହ କରୁଥିଲେ । (ରାଜସ୍ଥାନ ଓ ଗୁଜୁରାଟ ଅଞ୍ଚଳରେ ବିଶେଷଭାବେ ପରିଲକ୍ଷିତ)

ଖ) ବର୍ଷା ଦିନରେ ଫୁଲିଉଠୁଥିବା ଝରଣାର ଜଳକୁ ଆୟତ୍ତ କରି ସେମାନେ ଗଡିଯାଉଥିବା ବର୍ଷା ପାଣିକୁ ଅମଳ କରୁଥିଲେ ଏବଂ ତାକୁ ଲଦାଖର୍ ଜିଙ୍ଗରେ, ବିହାରର ଅହର୍‌ରେ, ରାଜସ୍ଥାନର ଯୋହାଡ୍‌ରେ ଏବଂ ତାମିଲନାଡୁର ଏରିସ୍‌ରେ ସଞ୍ଚୟ କରୁଥିଲେ (ଓଡ଼ିଶାରେ ମୁଣ୍ଡା, କଟା, ବନ୍ଧ ପ୍ରଭୃତିର ପ୍ରଚଳନ ହୋଇଆସିଛି ।

ଗ) ଉତ୍ତର ବିହାର ଓ ପଶ୍ଚିମବଙ୍ଗରେ ସେମାନେ ବନ୍ୟା ପ୍ଲାବିତ ନଦୀରୁ ଜଳ ଅମଳ କରୁଥିବା ନଜିର ଅଛି ।

▲ ଚେରାପୁଞ୍ଜିରେ ବାର୍ଷିକ ୧୧,୦୦୦ ମିଲିମିଟର ବୃଷ୍ଟିପାତ ହେବା ସତ୍ତ୍ୱେ ବି, ସେଠି ବର୍ଷକୁ ନଅ ମାସ ଜଳରଅଭାବ ଦେଖାଯାଉଛି । ଏହା ଆମର ଆଖି ଖୋଲି ଦେବା ଭଳି କଥା । ଯଦି ଆପଣ ବର୍ଷା ଜଳ ଅମଳ କରୁନାହାନ୍ତି, ବର୍ଷାର ପରିମାଣ ଯେତେ ହେଉନା କାହିଁକି ଆପଣ ଜଳାଭାବର ସମ୍ମୁଖୀନ ହେବା ନିଶ୍ଚିତ । ଚେରାପୁଞ୍ଜି ହିଁ ଏହାର ପ୍ରକୃଷ୍ଟ ଉଦାହରଣ ।

Digitized by srujanika@gmail.com

▲ ବର୍ଷକୁ ୮୭୬୦ ଘଣ୍ଟା ମଧ୍ୟରୁ ଭାରତ ତାର ଅଧିକାଂଶ ବୃଷ୍ଟିପାତ ମାତ୍ର ପ୍ରାୟ ୧୦୦ ଘଣ୍ଟା ଭିତରେ ହିଁ ପାଇଥାଏ । ଯଦି ଏହି ଜଳକୁ ଧରି ରଖା ନଯାଏ କିମ୍ବା ସଞ୍ଚୟ କରା ନଯାଏ, ତାହା ହେଲେ ବର୍ଷର ଅବଶିଷ୍ଟ ଦିନ ଗୁଡ଼ିକରେ ଆଉ ଜଳ ମିଳିବ ନାହିଁ ।

୧୯୯୧ ମସିହାରେ ଭାରତରେ ୫୮୭,୨୨୬ଟି ଜନବସତିରେ (ଗାଁ) ମୋଟ ୬୨୯ ନିୟୁତ ଲୋକ ଥିଲେ, ହାରାହାରି ଗୋଟିଏ ଗାଆଁରେ ୧୦୭୧ ଲୋକ, ଯାହା ୧୯୮୧ ମସିହାରେ ଗାଆଁ ପିଛା ୯୪୨ ଜଣରୁ ଅଧିକ ଥିଲା । ତେଣୁ ଆମେ ଗ୍ରହଣ କରିନେବା ଯେ, ଅଧୁନା ଗୋଟିଏ ଭାରତୀୟ ଗାଆଁର ହାରାହାରି ଲୋକସଂଖ୍ୟା ହେଉଛି ପ୍ରାୟ ୧୨୦୦ । ଭାରତର ହାରାହାରି ବାର୍ଷିକ ବୃଷ୍ଟିପାତ ପ୍ରାୟ ୧୧୭୦/ମିଲିମିଟର । ଯଦି ଏହାର ଅଧାଜଳ ସଂରକ୍ଷଣ କରି ରଖାଯାଇପାରନ୍ତା, ଗୋଟିଏ ସାଧାରଣ ଭାରତୀୟ ଗାଆଁର ବର୍ଷସାରା ରନ୍ଧନ ଆଉ ପାନୀୟ ନିମନ୍ତେ ଦରକାର କରୁଥିବା ୬.୫୭ ନିୟୁତ ଲିଟର ଜଳ ଧରି ରଖିବା ପାଇଁ ମାତ୍ର ୧.୧୨ ହେକ୍ଟର ଯାଗା ଯଥେଷ୍ଟ ହେବ । ଉନ୍ନତ ଜ୍ଞାନକୌଶଳ ପ୍ରୟୋଗକରି ଉପରୋକ୍ତ ଜମିରୁ ଅବଶ୍ୟ ଢ଼େର ଅଧିକ ଜଳ ମଧ୍ୟ ଅମଳ ହୋଇପାରିବ । ଯଦି ମରୁଡ଼ି ହୁଏ ଏବଂ ବୃଷ୍ଟିପାତ ସାଧାରଣ ବୃଷ୍ଟିପାତର ଅଧା ହୋଇଥାଏ, ତାହାହେଲେ ଆବଶ୍ୟକ ହେଉଥିବା ଯାଗାର ପରିମାଣ ୨.୨୪ ହେକ୍ଟରକୁ ବଢିଯିବ, ଅରୁଣାଚଳପ୍ରଦେଶ (ହାରାହାରି ଲୋକସଂଖ୍ୟା ୨୩୬) ଯେଉଁଠି ଗୁଡ଼ିକ ଛୋଟ ଏବଂ ବୃଷ୍ଟିପାତ ଅଧିକ ସେଠାରେ ଜଳ ଅମଳ ପାଇଁ ୦.୧୦ ହେକ୍ଟର ଜମି ଆବଶ୍ୟକ ହେଉଥିବାବେଳେ, ଦିଲ୍ଲୀ ଭଳି ରାଜ୍ୟରେ (ହାରାହାରି ଗାଁ ପ୍ରତି ଲୋକସଂଖ୍ୟା ୪୭୬୯) ଯେଉଁଠି ଜନବସତି ଗୁଡ଼ିକ ବଡ଼ ଏବଂ ବୃଷ୍ଟିପାତ ନିମ୍ନସ୍ତରରେ ଥାଏ, ସେଠାରେ ଆନୁପାତିକଭାବେ ଅଧିକ ଜମିର ଆବଶ୍ୟକତା ଥାଇ ମଧ୍ୟ ଅତିବେଶୀରେ ୮.୪୬ ହେକ୍ଟର ଜାଗା ଦରକାର ହୋଇଥାଏ । ରାଜସ୍ଥାନରେ ଆବଶ୍ୟକ ହେଉଥିବା ଜାଗାର ପରିମାଣ, ବିଭିନ୍ନ ପାଣିପାଗ ବିଶିଷ୍ଟ ଅଞ୍ଚଳରେ ୧.୬୮ରୁ ୩.୬୪ ହେକ୍ଟର ମଧ୍ୟରେ ପରିବର୍ତ୍ତିତ ହୁଏ ଏବଂ ଗୁଜୁରାଟରେ ଏହା ୧.୭୨ରୁ ୩.୩୦ ହେକ୍ଟର ମଧ୍ୟରେ ପରିବର୍ତ୍ତିତ ହୋଇଥାଏ । (ଦ୍ରଷ୍ଟବ୍ୟ ସାରଣୀ ୨ ଭାରତର ପ୍ରତ୍ୟେକ ଗାଆଁ ତାର ଜଳର ଚାହିଦା ପୂରଣ କରିପାରିବ ପାନୀୟ ଓ ରନ୍ଧନ ଜଳର ଚାହିଦା ପୂରଣ ନିମନ୍ତେ ଭାରତର ବିଭନ୍ନ ରାଜ୍ୟରେ ବର୍ଷା ଜଳ ଧରି ରଖିବା ପାଇଁ ଗାଆଁ ପିଛା ଆବଶ୍ୟକ ହେଉଥିବା ଜାଗା) ଅବଶ୍ୟ ଏହାଠାରୁ ଯଦି ଅଧିକ ଜଳ ଗ୍ରାମବାସୀମାନେ ଧରି ରଖନ୍ତି, ତାହା ଜଳସେଚନ ପାଇଁ ମଧ୍ୟ ବିନିଯୋଗ ହୋଇପାରିବ !

ଏ କାମ କ'ଣ ଅସମ୍ଭବ ମନେ ହୁଏ ? ଏମିତି କୌଣସି ଗାଆଁ ଅଛି ଯେଉଁଠି ଏତିକି ପରିମାଣର ଜାଗା ମିଳୁ ନାହିଁ ? ଭାରତର ମୋଟ ଭୂମିର ପରିମାଣ ୩୦୦ ନିୟୁତ ହେକ୍ଟରରୁ ଊର୍ଦ୍ଧ୍ୱ । ଅପହଞ୍ଚ ଜଙ୍ଗଲ ଇଲାକା, ଉଚ୍ଚ ପାର୍ବତ୍ୟ ଅଞ୍ଚଳ ଏବଂ ଅନ୍ୟାନ୍ୟ ଜନବସତି ନଥିବା ଭୂଭାଗକୁ ଛାଡ଼ି, ଭାରତର ୫୮୭,୦୦୦ ଗାଆଁର ୨୦୦ ନିୟୁତ ହେକ୍ଟର ପରିମିତି ଜାଗାରୁ ଗଡ଼ିଯାଉଥିବା ବର୍ଷା ଜଳକୁ ଅମଳ କରାଯାଇପାରିବ ଏବଂ ତାହା ଗାଆଁ ପିଛା ହାରାହାରି ୩୪୦ ହେକ୍ଟର ଜାଗା ଅର୍ଥାତ୍ ୩.୭୫ ବିଲିୟନ୍ ଲିଟରର ବର୍ଷାଜଳ ଯୋଗାଇପାରିବ । ସ୍ୱୀକାରଯୋଗ୍ୟ ଯେ ବିପୁଳ ବର୍ଷା ଜଳ ଅମଳର ସମ୍ଭାବନାକୁ ଏହି ଗଣନା ଦର୍ଶାଇଥାଏ । ଅନ୍ୟ ଯାହା ହୋଇଯାଉପଛେ, ଭାରତରେ ପିଇବା ପାଣିର ସଙ୍କଟ ଦେଖାଦେବାର ନ୍ୟାୟସଙ୍ଗତ କୌଣସି କାରଣ ନାହିଁ । ଏକଥା ସର୍ବସ୍ୱୀକାର୍ଯ୍ୟ ।

Digitized by srujanika@gmail.com

ଏହି ଦୃଷ୍ଟିରୁ ସମଗ୍ର ଦେଶକୁ ମରୁଡ଼ି ନିରୋଧକ କରିବା ସମ୍ଭବପର ଅଟେ । କେବଳ ପାନୀୟ ଜଳ ନୁହେଁ, ଭାରତର ଅଧିକାଂଶ କୃଷିକ୍ଷେତ୍ର ସ୍ୱଳ୍ପ ଜଳ ଭିତ୍ତିକ ଶସ୍ୟ ଉତ୍ପାଦନ କରିବା ପାଇଁ ବର୍ଷାଜଳ ଜରିଆରେ ଜଳସେଚନର ସୁବିଧା ପାଇବାକୁ ସକ୍ଷମ ହେବେ । ପ୍ରତ୍ୟେକ ଗାଆଁ ବିଶେଷ କରି ସାଧାରଣ ବୃଷ୍ଟିପାତ ଥିଲା ବର୍ଷମାନଙ୍କରେ, ଯଦି ସେ ଅଞ୍ଚଳର ସମସ୍ତ ସରକାରୀ, ରାଜସ୍ୱ ତଥା ଜଙ୍ଗଲ ଜାଗା ଉପରେ ହେଉଥିବା ବୃଷ୍ଟିପାତରୁ ଗଡ଼ିଯାଉଥିବା ପାଣିକୁ ସଂଗ୍ରହ କରନ୍ତି ଏବଂ ତାକୁ ଜଳାଶୟ ତଥା ପୁଷ୍କରିଣୀରେ ସଞ୍ଚୟ କରନ୍ତି, ତାହାହେଲେ ଜଳ ସଂରକ୍ଷଣଭିତ୍ତିକ ଶସ୍ୟ ଯଥା ବାଜରା ଓ ମକା ଇତ୍ୟାଦି ଉତ୍ପାଦନ ନିମନ୍ତେ, ବିଶେଷ ପରିମାଣର ଜମିଚାଷ କରିବା ପାଇଁ ପୁଷ୍କରିଣୀ କିମ୍ବା କୂଅରେ ଯଥେଷ୍ଟ ଜଳ ମିଳିପାରିବ ।

ଜାତୀୟ ଜଳ ବଣ୍ଟନ ନେଟ୍‌ୱାର୍କ କିମ୍ବା ନର୍ମଦା ନଦୀ ଉପରେ ନିର୍ମାଣାଧୀନ ନଦୀବନ୍ଧ ପରି ପ୍ରସ୍ତାବିତ ନଦୀବନ୍ଧମାନଙ୍କ ଦ୍ୱାରା ଭାରତର ପ୍ରତି ଗାଆଁକୁ ଜଳସେଚନ ସୁବିଧା ଯୋଗାଇ ଦେବାପାଇଁ ଯଥେଷ୍ଟ ଜଳ ଆଦୌ ମିଳିପାରିବ ନାହିଁ । ଭାରତର କୃଷିକ୍ଷେତ୍ରର ଏକ ବିଶେଷ ଭାଗ ସର୍ବଦା ବର୍ଷା ଉପରେ ନିର୍ଭରଶୀଳ ରହିବ । ସରକାରୀ ପରିସଂଖ୍ୟାନରୁ ଏହା ସ୍ପଷ୍ଟ । ଜାତୀୟ ସମନ୍ୱିତ ଜଳ ସମ୍ପଦ ବିକାଶ ଯୋଜନା କମିଶନ (NCIWRDP) ର ହିସାବ ଅନୁସାରେ ଚୁଡ଼ାନ୍ତ ପର୍ଯ୍ୟାୟରେ ଅତିବେଶିରେ ୧୪୦ ନିୟୁତ ହେକ୍ଟର ଜମି ନିମନ୍ତେ ଜଳସେଚନର ସମ୍ଭାବନା ରହିଅଛି । ପ୍ରାୟ ୭୫.୯ ନିୟୁତ ହେକ୍ଟର ଜମି ଉପରିଭାଗ ଜଳଯୋଜନା ଦ୍ୱାରା ଜଳ ସେଚିତ ହେବ - ତନ୍ମଧ୍ୟରୁ ୫୮.୪୭ ନିୟୁତ ହେକ୍ଟର ଜମି ବୃହତ ଓ ମଧ୍ୟମ ଧରଣର ନଦୀବନ୍ଧ ଯୋଜନା ଦ୍ୱାରା ଜଳ ସେଚିତ ହେବ ଏବଂ ୧୭.୩୮ ନିୟୁତ ହେକ୍ଟର ଜମି କ୍ଷୁଦ୍ର ଜଳସେଚନ ଯୋଜନାମାନଙ୍କ ଦ୍ୱାରା ଜଳ ସେଚିତ ହେବ - ଯେତେବେଳେ ୬୪.୧ ନିୟୁତ ହେକ୍ଟର ଜମି ଭୂତଳ ଜଳଦ୍ୱାରା ଜଳସେଚିତ ହେବ । କିନ୍ତୁ ଏ ସବୁ ତଥାପି ଏ ସ୍ୱପ୍ନ । ୧୯୯୨-୯୩ ବର୍ଷରେ ୧୧୯.୩ ନିୟୁତ ହେକଟର ଜମି ବର୍ଷା ଉପରେ ନିର୍ଭରଶୀଳ ଥିଲା, ଯାହା ମଧ୍ୟରୁ ୭୮.୪୩ ନିୟୁତ ହେକ୍ଟର ଜମିରେ ଖାଦ୍ୟଶସ୍ୟ ଉତ୍ପନ୍ନ ହେଉଥିଲା ।

ଆମ ଦେଶରେ ହେଉଥିବା ପର୍ଯ୍ୟାପ୍ତ ବର୍ଷାରୁ ବର୍ଷାଜଳ ଅମଳ କରିବା ଓ ଭୂତଳ ଜଳକୁ ପୁନଃ ପରିପୁଷ୍ଟ କରିବା ଭଳି ମିଳିତ ପ୍ରକ୍ରିୟାରେ ବର୍ଷା ଉପରେ ନିର୍ଭରଶୀଳଥିବା ଜମିର ଉତ୍ପାଦନ କ୍ଷମତାକୁ ବଢ଼ାଯାଇ ପାରିବ ଏବଂ ଏଥିରେ ସ୍ଥାୟୀତ୍ୱ ଅଣାଯାଇ ପାରିବ । ଦେଶର ଅଧିକାଂଶ ଦରିଦ୍ର ଲୋକ ବର୍ଷାଜଳ ପୋଷିତ ଜମି ଉପରେ ନିର୍ଭରଶୀଳଥିବାରୁ, ଆମେ ଯଦି ଏହା ନ କରିବା, ତାହାହେଲେ ବର୍ଷା ଉପରେ ନିର୍ଭରଶୀଳଥିବା ଅଞ୍ଚଳରେ ବାସ କରୁଥିବା ଲୋକମାନଙ୍କ ଜୀବନରେ ଉନ୍ନତି ଘଟିପାରିବ ନାହିଁ ।

▲ ଗୋଟିଏ ହେକ୍ଟର ଜାଗାରେ ଯଦି କେବଳ ୧୦୦ ମିଲିମିଟର ବୃଷ୍ଟିପାତ ହୁଏ ତେବେ ତହିଁରୁ ଏକ ନିୟୁତ ଲିଟର ପର୍ଯ୍ୟନ୍ତ ସଂଗ୍ରହ କରାଯାଇପାରିବ ।

Digitized by srujanika@gmail.com

ସାରଣୀ-୨ : ଭାରତର ପ୍ରତ୍ୟେକ ଗାଆଁ ତାର ଜଳର ଚାହିଦା ପୂରଣ କରିପାରିବ: ପାନୀୟ ଓ ରୋଷେଇବାସ ନିମନ୍ତେ ଜଳର ଚାହିଦା ପୂରଣ ନିମନ୍ତେ ଭାରତର ବିଭିନ୍ନ ରାଜ୍ୟରେ ଯଥେଷ୍ଟ ବର୍ଷାଜଳ ଧରିରଖିବା କ୍ଷେତ୍ରରେ ଗାଆଁ ପିଛା ଆବଶ୍ୟକ ହୋଇଥିବା ଜମିର ପରିମାଣ ।

ରାଜ୍ୟ	ଜଳମଣ୍ଡଳୀୟ ଉପଖଣ୍ଡ	ହାରାହାରି ବାର୍ଷିକ ବୃଷ୍ଟିପାତ (ମିଲି ମିଟରରେ)	ଗାଆଁ ପିଛା ହିସାବ ହୋଇଥିବା ଗ୍ରାମବାସୀ ସଂଖ୍ୟା ୨୦୦୧	ସାଧାରଣ ବୃଷ୍ଟିପାତର ଅଧାକରାୟତ କରାଯାଇ ପାରିବା କଥାକୁ ଗ୍ରହଣ କରି ପାନୀୟ ଓ ରନ୍ଧନ ଜଳର ଚାହିଦା ପୂରଣ ନିମନ୍ତେ ଗାଆଁ ପିଛା ଜମିର ଆବଶ୍ୟକତା (ହେକ୍ଟରରେ)	ଅତିଶୟ ମରୁଡ଼ି ଯା ଅର୍ଥ ସାଧାରଣ ବୃଷ୍ଟିପାତରେ ଅଧା ହ୍ରାସ-ଯାକୁ ଗ୍ରହଣ କରି ପାନୀୟ ଓ ରନ୍ଧନ ଜଳର ଚାହିଦା ପୂରଣ ନିମନ୍ତେ ଗାଆଁ ପିଛା ଜମିର ଆବଶ୍ୟକତା (ହେକ୍ଟରରେ)
୧	୨	୩	୪	୫	୬
ଭାରତ	-	୧,୧୭୦	୧୨୨୦	୧.୧୪	୨.୨୮
ଆଣ୍ଡମାନ ଓ ନିକୋବର ଦ୍ୱୀପପୁଞ୍ଜ	ଆଣ୍ଡମାନ ଓ ନିକୋବର ଦ୍ୱୀପପୁଞ୍ଜ	୨,୯୬୭	୪୦୮	୦.୧୬	୦.୩୨
ଅରୁଣାଚଳ ପ୍ରଦେଶ	ଅରୁଣାଚଳ ପ୍ରଦେଶ	୨୭୮୨	୨୩୬	୦.୧୦	୦.୨୦
ଆସାମ	ଆସାମ ମେଘାଳୟ	୨୮୧୮	୮୦୭*	୦.୩୨	୦.୬୪
ମେଘାଳୟ	ଆସାମ ଓ ମେଘାଳୟ	୨୮୧୮	୩୧୧	୦.୧୨	୦.୨୪
ନାଗାଲାଣ୍ଡ	ନାଗାଲାଣ୍ଡ, ମଣିପୁର ମିଜୋରାମ ଓ ତ୍ରିପୁରା	୧୮୮୧	୧୧୫୩	୦.୬୮	୧.୩୬
ମଣିପୁର	ନାଗାଲାଣ୍ଡ,ମଣିପୁର ମିଜୋରାମ ଓ ତ୍ରିପୁରା	୧୮୮୧	୭୨୬	୦.୪୨	୦.୮୪

Digitized by srujanika@gmail.com

୧	୨	୩	୪	୫	୬
ମିଜୋରାମ	ନାଗାଲାଣ୍ଡ, ମଣିପୁର, ମିଜୋରାମ ଓ ତ୍ରିପୁରା	୧୮୮୧	୫୪୯	୦.୩୨	୦.୬୪
ତ୍ରିପୁରା	ନାଗାଲାଣ୍ଡ, ମଣିପୁର, ମିଜୋରାମ ଓ ତ୍ରିପୁରା	୧୮୮୧	୩୪୯୬	୨.୦୪	୪.୦୮
ପଶ୍ଚିମବଙ୍ଗ	୧.ଉପ-ହିମାଳୟ ପଶ୍ଚିମବଙ୍ଗ ଓ ସିକିମ୍ ୨. ଗାଙ୍ଗେୟ ପଶ୍ଚିମବଙ୍ଗ	୨୭୩୯ ୧୪୩୯	୧୬୦୨	୧.୧୦-୧.୨୨*	୨.୨୦-୨.୪୪*
ସିକିମ	ଉପ-ହିମାଳୟ ପଶ୍ଚିମବଙ୍ଗ ଓ ସିକିମ	୨୭୩୯	୧୧୩୨	୦.୪୬	୦.୯୨
ଓଡ଼ିଶା	ଓଡ଼ିଶା	୧୪୮୯	୬୮୩	୧.୧୦	୨.୨୦
ବିହାର	୧.ବିହାର ମାଳଭୂମି ୨. ସମତଳ ବିହାର	୧୩୨୬ ୧୧୮୬	୧୩୬୭	୧.୧୨-୧.୨୬*	୨.୨୪-୨.୫୨*
ଉତ୍ତର ପ୍ରଦେଶ	୧. ଉତ୍ତର ପ୍ରଦେଶ ୨. ପଶ୍ଚିମ ଉତ୍ତର ପ୍ରଦେଶର ସମତଳ ଅଞ୍ଚଳ ୩. ପଶ୍ଚିମ ଉତ୍ତର ପ୍ରଦେଶର ପାର୍ବତ୍ୟାଞ୍ଚଳ	୧୦୨୫ ୮୯୬ ୧୬୬୭	୧୦୨୬	୦.୬୮-୧.୨୬*	୧.୩୬-୨.୫୨*
ହରିୟାନା	ହରିୟାନା, ଚଣ୍ଡିଗଡ଼ ଓ ଦିଲ୍ଲୀ	୬୧୭	୨,୨୫୮	୪.୦୦	୮.୦୦
ଦିଲ୍ଲୀ	ହରିୟାନା, ଚଣ୍ଡିଗଡ଼ ଓ ଦିଲ୍ଲୀ	୬୧୭	୪୭୬୯*	୮.୪୬	୧୬.୯୨
ପଞ୍ଜାବ	ପଞ୍ଜାବ	୬୪୯	୧୩୪୫	୨.୨୬	୪.୫୨

Digitized by srujanika@gmail.com

୧	୨	୩	୪	୫	୬
ହିମାଚଳ ପ୍ରଦେଶ	ହିମାଚଳ ପ୍ରଦେଶ	୧୨୫୧	୩୨୮	୦.୨୮	୦.୫୬
ଜାମ୍ମୁ ଓ କାଶ୍ମୀର	ଜାମ୍ମୁ ଓ କାଶ୍ମୀର	୧୦୧୧	୧୧୪୦	୧.୨୪	୨.୪୮
ରାଜସ୍ଥାନ	୧. ପଶ୍ଚିମ ରାଜସ୍ଥାନ ୨. ପୂର୍ବ ରାଜସ୍ଥାନ	୩୧୩ ୬୭୫	୧୦୩୯	୧.୬୮-୩.୭୪*	୩.୩୬-୭.୨୮*
ମଧ୍ୟପ୍ରଦେଶ	୧. ମଧ୍ୟପ୍ରଦେଶ ୨. ପୂର୍ବ ମଧ୍ୟପ୍ରଦେଶ	୧୦୧୭ ୧୩୩୮	୮୬୭	୦.୭୦-୦.୯୪*	୧.୪୦-୧.୮୮*
ଗୁଜୁରାଟ	୧. ଗୁଜୁରାଟ ଅଞ୍ଚଳ ୨. ସୌରାଷ୍ଟ୍ର ଓ କଚ୍ଛ	୧୧୦୭ ୫୭୮	୧୬୪୧	୧.୭୨-୩.୩୦*	୩.୪୪-୬.୬୦*
ଗୋଆ	କଙ୍କଣ ଓ ଗୋଆ	୩୦୦୫	୧୮୧୬*	୦.୬୬	୧.୩୨
ମହାରାଷ୍ଟ୍ର	୧. କଙ୍କଣ ଓ ଗୋଆ ୨. ମଧ୍ୟ ମହାରାଷ୍ଟ୍ର ୩. ମରାଥାୱାଡା ୪. ବିଦର୍ଭ	୩୦୦୫ ୯୦୧ ୮୮୨ ୧୦୩୪	୧୩୮୯	୦.୫୦-୧.୭୨	୧.୦୦-୩.୪୪*
ଆନ୍ଧ୍ରପ୍ରଦେଶ	୧. ଉପକୂଳ ଆନ୍ଧ୍ରପ୍ରଦେଶ ୨. ତେଲେଙ୍ଗାନା ୩. ରାୟଲସୀମା	୧୦୯୪ ୯୬୧ ୬୮୦	୨୨୩୧	୨.୩୪-୪.୬୦*	୪.୬୮-୭.୨୦*
ତାମିଲନାଡୁ	ତାମିଲନାଡୁ ଓ ପଣ୍ଡିଚେରୀ	୯୯୮	୨୬୨୭	୨.୮୮	୫.୭୬
ପଣ୍ଡିଚେରୀ	ତାମିଲନାଡୁ ଓ ପଣ୍ଡିଚେରୀ	୯୯୮	୧୧୦୬*	୧.୩୨	୨.୬୪
କର୍ଣ୍ଣାଟକ	୧. ଉପକୂଳ କର୍ଣ୍ଣାଟକ ୨. ଉତ୍ତର ଆଭ୍ୟନ୍ତରୀଣ କର୍ଣ୍ଣାଟକ ୩. ଦକ୍ଷିଣ ଆଭ୍ୟନ୍ତରୀଣ କର୍ଣ୍ଣାଟକ	୩୪୫୬ ୭୩୧ ୧୧୨୬	୧୩୪୩	୦.୪୨-୨.୦୨*	୦.୮୪-୪.୦୪*
କେରଳ	କେରଳ	୩୦୫୫	୧୪,୦୮୩	୫.୦୪	୧୦.୦୮
ଲାକ୍ଷାଦ୍ୱୀପ	ଲାକ୍ଷାଦ୍ୱୀପ	୧୫୧୫	୩,୨୨୮	୨.୩୪	୪.୬୮

Digitized by srujanika@gmail.com

ଟିପ୍ପଣୀ : ବିଭିନ୍ନ ପାଣିପାଗ ଉପଖଣ୍ଡର ଗାଆଁ ପିଛା ହାରାହାରି ଲୋକ ସଂଖ୍ୟା ରାଜ୍ୟର ଉକ୍ତ ହାରାହାରୀ ଲୋକ ସଂଖ୍ୟା ସହ ସମାନ । ଏହି ଅନୁମାନ ଉପରେ ଏ ଗଣନାଟି ଆଧାରିତ ।

ଆଧାର :ସାଧାରଣ ବୃଷ୍ଟିପାତର ହାର ଭାରତୀୟ ପାଣିପାଗ ବିଭାଗ ଦ୍ୱାରା ପଞ୍ଜୀକୃତ ପରିସଂଖ୍ୟାନକୁ ଆଧାର କରି ହିସାବ କରାଯାଇଥିଲାବେଳେ, ୧୯୮୧ ଓ ୧୯୯୧ର ଜନଗଣନାକୁ ଆଧାରକରି ୨୦୦୧ ମସିହା ସୁଦ୍ଧା ଗାଁ ପିଛା ହାରାହାରି ଲୋକ ସଂଖ୍ୟାର ଆକଳନ କରାଯାଇଛି ।

▲ ଅଧିକାଂଶ ଗ୍ରାମାଞ୍ଚଳର ଜନତା ସେମାନଙ୍କର ନିଜ ଗାଆଁ ଗୁଡ଼ିକୁ ଏପରିକି ବର୍ତ୍ତମାନର ସଙ୍କଟ ବେଳେ ମରୁଡ଼ି ନିରୋଧକ କରିବା କ୍ଷେତ୍ରରେ ସେମାନଙ୍କର ନିଷ୍ଠା, ସାମର୍ଥ୍ୟ ଓ ଅଧ୍ୟବସାୟ ଦେଖାଇଛନ୍ତି ।

୩-ମରୁଡ଼ି ନିରୋଧ କ୍ରିୟା ବନାମ ବୃହଦାକାର ଜଳସେଚନ ବ୍ୟବସ୍ଥା :

ଆମ ରାଜନେତା ଓ ଯୋଜନା ପ୍ରଣେତାମାନଙ୍କୁ ମରୁଡ଼ି ନିରୋଧ ପାଇଁ ଜଳସେଚନ ସହିତ, ସବୁଜବିପ୍ଳବ ପ୍ରଣାଳୀରେ କୃଷି ଭିତ୍ତିକ ବିକାଶ ପାଇଁ ବୃହଦାକାର ଜଳସେଚନକୁ ତୁଳନା କରି ଦ୍ୱନ୍ଦ୍ୱ ସୃଷ୍ଟିକରିବାରୁ ନିବୃତ୍ତ ରହିବାକୁ ହେବ । ନହେଲେ ଅଗ୍ରାଧିକାର କ୍ଷେତ୍ର ଚିହ୍ନଟ କରିବାରେ ଗୁରୁତର ଭୁଲ୍ ହୋଇ ଯିବ ଆଉ କୋଟି କୋଟି ଗରିବ ଲୋକ ସେମିତି ଭୟାବହ ମରୁଡ଼ି ସଙ୍କଟର ସମ୍ମୁଖୀନ ହୋଇଚାଲିଥିବେ । ପର୍ଯ୍ୟାପ୍ତ ଆର୍ଥିକ ସମ୍ବଳ ଉପଲବ୍ଧ ଥିଲେ ହିଁ ଥଇଥାନ ଏବଂ ମରୁଡ଼ି ନିରୋଧକ ପ୍ରକ୍ରିୟା ଉଭୟକୁ ଏକା ସାଙ୍ଗରେ ହାତକୁ ନିଆଯାଇ ପାରେ ଅନ୍ୟଥା ମରୁଡ଼ି ନିରୋଧ ବ୍ୟବସ୍ଥାକୁ ଅଧିକ ଗୁରୁତ୍ୱ ଦେବା ଉଚିତ୍, ଯେଉଁଥିରୁ ତୁଳନାତ୍ମକ ଦୃଷ୍ଟିରୁ ଅଳ୍ପ ଖର୍ଚ୍ଚରେ ଖୁବ୍ ଶୀଘ୍ର ପ୍ରାୟ ୫/୧୦ ବର୍ଷ ଭିତରେ ସୁଫଳ ମିଳିପାରିବ ।

ମରୁଡ଼ି ନିରୋଧକ୍ରିୟା ଆଉ ବୃହଦାକାର ଜଳସେଚନ ପରସ୍ପରର ବିକଳ୍ପ ନୁହଁନ୍ତି । ଗୋଟିଏ ବ୍ୟବସ୍ଥା ଦ୍ୱାରା ଯାହା ହୋଇ ପାରିବ, ତାହା ଅନ୍ୟ ବ୍ୟବସ୍ଥା ଦ୍ୱାରା ହୋଇ ପାରିବ ନାହିଁ । ପ୍ରଥମ କାରଣ ହେଉଛି, ଏପରିକି ବୃହାଦାକାର ଜଳସେଚନର ବିକାଶ ନିମନ୍ତେ ପ୍ରସ୍ତାବିତ ସମସ୍ତ ବନ୍ଧ ନିର୍ମିତ ହୋଇ ସାରିଲାପରେ ଏବଂ ନଦୀ ଗୁଡ଼ିକ ପରସ୍ପର ସହ ସଂଯୁକ୍ତ ହୋଇଗଲାପରେ ବି ଦେଶର ପ୍ରତିଖଣ୍ଡ ଚାଷ ଜମି କେନାଲ ଜଳସେଚନର ସୁବିଧା ପାଇ ପାରିବ ନାହିଁ ଏହି ଜମି ଗୁଡ଼ିକୁ ଭୂତଳ ଜଳ, ନହେଲେ ସ୍ଥାନୀୟ ଜଳ ଅମଳ ବ୍ୟବସ୍ଥା ଉପରେ ନିର୍ଭରଶୀଳ ହେବାକୁ ପଡ଼ିବ । ଏହି ଦୁଇଟିଯାକ ବ୍ୟବସ୍ଥାକୁ ଏକ ସଙ୍ଗେ ନେବାକୁ ହେବ, କାରଣ ଭୂତଳ ଜଳ ବ୍ୟବହାରର ସ୍ଥାୟୀତ୍ୱ ବଜାୟ ରଖି ହେବ ଯଦି ଏହାକୁ ପୁନଃ ପରିପୁଷ୍ଟ କରିବା ଦିଗରେ କେବଳ ସ୍ଥାନୀୟ ଉଦ୍ୟମ ଅବ୍ୟାହତ ରହିବ । ତେଣୁ ବୃହଦାକାର ଜଳସେଚନ, ସ୍ଥାନୀୟ ଜଳ ଅମଳ ବ୍ୟବସ୍ଥା ଓ ଭୂତଳ ଜଳର ନିରବିଚ୍ଛିନ୍ନ ତଥା ସ୍ଥାୟୀ ବ୍ୟବହାର ଉପରେ ଆଧାରିତ ମରୁଡ଼ି ନିରୋଧ କ୍ରିୟାର ବିକଳ୍ପ ହୋଇପାରିବ ନାହିଁ ।

ବୃହଦାକାର ଜଳସେଚନ ବିକାଶ ବିପକ୍ଷରେ ଦ୍ୱିତୀୟ ଯୁକ୍ତିଟି ପ୍ରଥମ କାରଣରୁ ହିଁ ଉଦ୍ଧାର କରାଯାଏ । ବଡ଼ ବନ୍ଧ କେବଳ ଖଣ୍ଡିଏ ଖଣ୍ଡିଏ ସବୁଜ ବିପ୍ଳବ ପ୍ରଣାଳୀର କୃଷି ଉତ୍ପାଦନ କ୍ଷେତ୍ର ସୃଷ୍ଟି କରିବାରେ

Digitized by srujanika@gmail.com

ସହାୟକ ହୋଇପାରିବ (ବେଶି ଜଳ ଆବଶ୍ୟକ କରୁଥିବା ଶସ୍ୟ) କିନ୍ତୁ ସମଗ୍ର ଦେଶକୁ ମରୁଡ଼ି ନିରୋଧକ କରିପାରିବ ନାହିଁ। ଫଳତଃ ଏଗୁଡ଼ିକ ଅତି ବେଶୀରେ ଜାତୀୟ ଖାଦ୍ୟ ନିରାପତ୍ତା ସୃଷ୍ଟି କରିପାରିବେ, ଯାହା ଏ ପର୍ଯ୍ୟନ୍ତ କରିଆସିଛନ୍ତି- ଯାହାର ଅର୍ଥ ହେଉଛି ଦେଶର ଅଳ୍ପ ଜିଲ୍ଲା ପ୍ରଚୁର ପରିମାଣରେ କୃଷିଭିତ୍ତିକ ବଳକା ଉତ୍ପାଦନ ସୃଷ୍ଟି କରନ୍ତି, ଯାହାକି ବିଶେଷ କରି ମରୁଡ଼ି ବର୍ଷମାନଙ୍କରେ, କୃଷିକ୍ଷେତ୍ରରେ ବିପର୍ଯ୍ୟସ୍ତ ହୋଇଥିବା ଚାଷୀମାନଙ୍କର ଆହାର ଯୋଗାଇଥାଏ।

କିନ୍ତୁ ବୃହଦାକାର ଜଳସେଚନ ବ୍ୟବସ୍ଥା ସ୍ଥାନୀୟ ଖାଦ୍ୟ ନିରାପତ୍ତା ସୃଷ୍ଟି କରିପାରିବେ ନାହିଁ- ଅର୍ଥାତ୍ ବୃହଦାକାର ଜଳସେଚନ ବ୍ୟବସ୍ଥା ସମ୍ପୂର୍ଣ୍ଣ କରିଦେଲେ, ସ୍ଥାନୀୟ ଖାଦ୍ୟ ଉତ୍ପାଦନକୁ ଏପରିକି ଜଳାଭାବ ଦେଖାଯାଉଥିବା ବର୍ଷମାନଙ୍କରେ ଉତ୍ପାଦନକ୍ଷମ ଓ ସ୍ଥାୟୀ କରିବା ଦିଗରେ ନିଶ୍ଚିତ କରିବା ପାଇଁ ଦେଶର ସବୁ ଅଞ୍ଚଳରେ ଜଳ ପରିଚାଳନାର ସୁକ୍ଷମ ବ୍ୟବସ୍ଥା ଅଛି ବୋଲି କହିହେବ ନାହିଁ। ସ୍ଥାନୀୟ ଖାଦ୍ୟ ନିରାପତ୍ତା, ଜାତୀୟ ଖାଦ୍ୟ ନିରାପତ୍ତା ଭଳି ଗୁରୁତ୍ୱପୂର୍ଣ୍ଣ। ଉଦାହରଣସ୍ୱରୂପ କେଉଁ ଭୀଲ୍ କିମ୍ବା ଓରାଂ ଆଦିବାସୀ କେବଳ ପଞ୍ଜାବରୁ ଆମଦାନୀ ହେଉଥିବା ଶସ୍ୟ ଉପରେ ନିର୍ଭର କରିବାକୁ ଇଚ୍ଛା କରନ୍ତି ? ସେମାନେ ସମସ୍ତେ ନିଜେ ଅନ୍ତତଃ ପକ୍ଷେ ସେମାନଙ୍କ ନିଜର ଆହାର ନିମନ୍ତେ ଯଥେଷ୍ଟ ଖାଦ୍ୟ ଶସ୍ୟ ଉତ୍ପାଦନ କରିବାକୁ ଚାହାଁନ୍ତି। ଜଳ ଅମଳ ଏବଂ ଭୂତଳ ଜଳ ମିଳିତ ହୋଇ ନିଶ୍ଚିତ ଭାବେ ସମଗ୍ର ଦେଶକୁ ମରୁଡ଼ି ନିରୋଧକ କରିପାରିବେ ଓ ସ୍ଥାନୀୟ ଖାଦ୍ୟ ନିରାପତ୍ତା ସୃଷ୍ଟି କରିପାରିବେ ଯାହା ବଡ଼ ବନ୍ଧ ଦ୍ୱାରା ହୋଇପାରିବ ନାହିଁ। ଏହାପରେ ଆଉ ଭାରତର ଗରିବ ଲୋକମାନେ ଓ ନିରସ ଜମି, ଏ ପ୍ରକାର ଲାଞ୍ଛନା ଭୋଗିବେ ନାହିଁ, ଯାହା ଏ ବର୍ଷ ଭୋଗିଲେଣି। କିନ୍ତୁ ସରକାରଙ୍କର ହୃଦବୋଧ ହେବା ଉଚିତ୍ ଯେ, ଭାରତୀୟ ଲୋକମାନେ ଗୋଟିଏ ପନ୍ଥା ବିଶିଷ୍ଟ ଜଳ ପରିଚାଳନା ନିୟମ ଉପରେ ନିର୍ଭର କରି ତିଷ୍ଠିପାରିବେ ନାହିଁ।

ଆହୁରି ଏହା ହୃଦୟଙ୍ଗମ କରିବା ଗୁରୁତ୍ୱପୂର୍ଣ୍ଣ ଯେ, ଭାରତର ଭବିଷ୍ୟତ ଖାଦ୍ୟ ନିରାପତ୍ତା, ଏପରିକି ତଥା କଥିତ ସବୁଜ ବିପ୍ଳବ ଅଞ୍ଚଳ ମଧ, ଭୂତଳ ଜଳ ପୁନର୍ଜୀବିତ ହେବା ଉପରେ ଅଧିକ ନିର୍ଭର କରିବ, ଯାହା ବର୍ଷା ଜଳ ଅମଳ ଜରିଆରେ ଏକକ ଗୋଷ୍ଠୀମାନଙ୍କ ଦ୍ୱାରା ସମ୍ପନ୍ନ ହୋଇପାରିବ।

ଯଦି ଏହା କରାନଯାଏ, ତାହା ହେଲେ ଭାରତୀୟ କୃଷି ସଙ୍କଟମୟ ପରିସ୍ଥିତିର ସମ୍ମୁଖୀନ ହେବ, ଏପରିକି ଦେଶର ଚାରିଆଡ଼େ ଭୂତଳ ଜଳର ଅତ୍ୟଧିକ ଶୋଷଣ ଓ ଜଳସ୍ତର ହ୍ରାସ ଯୋଗୁଁ ବର୍ତ୍ତମାନର ଜଳସେଚିତ ଅଞ୍ଚଳରେ ମଧ କୃଷି ବିପର୍ଯ୍ୟୟ ଗ୍ରସ୍ତ ହେବ। ଦେଶର ଅଧାରୁ ଅଧିକ ଜଳସେଚିତ ଜମି, ୧୭ ନିୟୁତ ନଳ କୂଅ ଓ ବିଦ୍ୟୁତ୍ ତଥା ଡିଜେଲ୍ ଚାଳିତ ବୋରିଂ କୂଅ ଯୋଗେ ଭୂତଳ ଜଳଦ୍ୱାରା ଜଳସେଚିତ ହେଉଛି ଏବଂ ଯେହେତୁ ଭୂତଳ ଜଳଦ୍ୱାରା ଜଳସେଚିତ ହେଉଥିବା ଅଞ୍ଚଳ ସବୁ ଅଧିକ ଉତ୍ପାଦନକ୍ଷମ ହୋଇପାରୁଛନ୍ତି, ଦେଶର ଜଳସେଚିତ ଜମିରୁ ମିଳୁଥିବା ମୋଟ କୃଷି ଉତ୍ପାଦନ ପ୍ରତି କେନାଲ ଜଳଠାରୁ ଭୂତଳ ଜଳର ଅବଦାନ ଅଧିକ। ମରୁଡ଼ିବେଳେ, ନଦୀ ଶୁଖିଲା ପଡ଼ିଥାଏ, ସେତେବେଳେ ଭୂତଳ ଜଳ ଉଭୟ ପାନୀୟ ଓ ଜଳସେଚନ ପାଇଁ ମୁଖ୍ୟ ଅବଲମ୍ବନ ହୋଇଥାଏ।

ଆଜି ଭାରତୀୟ କୃଷି ଓ ଗ୍ରାମ୍ୟ ଜୀବନ ଭୂତଳ ଜଳ ଉପରେ ଅତ୍ୟଧିକ ନିର୍ଭରଶୀଳ। ଯେତେବେଳେ ଭୂତଳ ଜଳ ସାରଣୀର ହ୍ରାସ ଭାରତର କଷ୍ଟୋପାର୍ଜିତ ଖାଦ୍ୟ ନିରାପତ୍ତାକୁ ସାଙ୍ଘାତିକ ଭାବେ ଆଶଙ୍କିତ

Digitized by srujanika@gmail.com

କରୁଛି, ସେତେବେଳେ ଭାରତକୁ ତାର ଦିନକୁ ଦିନ ବୃଦ୍ଧି ପାଉଥିବା ଲୋକ ସଂଖ୍ୟାର ଆହାର ନିମନ୍ତେ ଅଧିକରୁ ଅଧିକ ଖାଦ୍ୟ ଉତ୍ପାଦନ କରିବା ଜରୁରି ହୋଇ ପଡ଼ିଛି ।

▲ ବର୍ଷା ଜଳକୁ କରାୟତ୍ତ କରିବା, ସଞ୍ଚୟ କରିବା ଓ ଭୂତଳ ଜଳକୁ ପୁନଃର୍ଜୀବିତ କରିବା ଜରିଆରେ ବର୍ଷା ଜଳର ଅମଳ ଓ ତାକୁ ପରବର୍ତ୍ତୀ ସମୟରେ ଲାଗି ରହୁଥିବା ଶୁଷ୍କ ସମୟରେ ବିନିଯୋଗ କରିବା ପ୍ରକ୍ରିୟାରେ ହିଁ ସମାଧାନର ପନ୍ଥା ନିହିତ ଅଛି ।

୪- ଯେତେ ଅଧିକ ସଂଖ୍ୟକ ଛୋଟ ଛୋଟ ଜଳ ସଞ୍ଚୟିକା, ସେତେ ଅଧିକ ଜଳ ଅମଳ :

ଆଉ ଏକ ମତ ପରିପ୍ରେକ୍ଷୀରେ ଚାଲନ୍ତୁ ଆମେ ଗ୍ରାମ ଆଧାରିତ ବର୍ଷା ଜଳ ଅମଳର ପ୍ରାସଙ୍ଗିକତାକୁ ପରୀକ୍ଷା କରିବା । ବିଶେଷ କରି ଭାରତ ଭଳି ଏକ ଦେଶରେ, ଯେଉଁଠି ମୌସୁମୀ ବାୟୁ ବର୍ଷକୁ ହାରାହାରି ୧୦୦୦ ଘଣ୍ଟାର ବର୍ଷା ଯୋଗାଇଥାଏ ଏବଂ ବର୍ଷର ଅବଶିଷ୍ଟ ୮,୬୬୦ ଘଣ୍ଟା ପାଇଁ କିଛି ନଥାଏ, ସେଠି "ସଞ୍ଚୟ" ହେଉଛି ଜଳ ପରିଚାଳନାର ଏକ ପ୍ରମୁଖ ରଣନୀତି ।

ନିମ୍ନମତେ ବର୍ଷା ଜଳକୁ କରାୟତ୍ତ କରାଯାଇପାରିବ :

କ. ବୃହଦାକାର ବନ୍ଧ ନିର୍ମାଣ ଫଳରେ ଏକ ବ୍ୟାପକ ବୃଷ୍ଟିପାତ ଅଞ୍ଚଳର ବର୍ଷାଜଳକୁ ବୃହଦାକାର ଜଳାଶୟରେ ଧରି ରଖି ହେବ ।

ଖ. କ୍ଷୁଦ୍ର ବୃଷ୍ଟିପାତ ଅଞ୍ଚଳର ଜଳକୁ ପୁଷ୍କରିଣୀ ଓ ଛୋଟ ଛୋଟ ଜଳଧାରରେ ରଖିହେବ ।

କିମ୍ବା

ଗ. ଜଳକୁ ଏମିତି ଢଙ୍ଗରେ ସଞ୍ଚୟ କରି ରଖାଯିବ, ଯେପରି ଏହା ମାଟିଭିତରକୁ ପ୍ରବେଶ କରି ଭୂତଳ ଜଳ ଭାବେ ସଞ୍ଚିତ ହୋଇରହିପାରିବ ।

ପ୍ରକୃତରେ ବୃହଦ୍ କିମ୍ବା ମଧ୍ୟମ ଧରଣର ବନ୍ଧ ଅପେକ୍ଷା ଗ୍ରାମ୍ୟସ୍ତରୀୟ ବର୍ଷା ଜଳ ଅମଳ, ପ୍ରଚୁର ଜଳ ଉତ୍ପନ୍ନ କରିବାର ପ୍ରାମାଣିକ ବିଜ୍ଞାନସମ୍ମତ ତଥ୍ୟ ଅଛି, ଅଥଚ ବୃହଦ୍ କିମ୍ବା ମଧ୍ୟମ ଧରଣର ବନ୍ଧ ଅତ୍ୟଧିକ ବ୍ୟୟସାପେକ୍ଷ ହୋଇଥିବାରୁ ଆଦୌ ବ୍ୟୟ ପରିଶୋଧି ହୋଇନଥାଏ ଏବଂ ଜଳ ଚାହିଦା ପୂରଣ ପାଇଁ ଅବୈଜ୍ଞାନିକ ପଦ୍ଧତିରେ ଜଳ ଯୋଗାଉଥାଏ । ଇସ୍ରାଏଲ୍‌ର ବୈଜ୍ଞାନିକ ମାଇକେଲ୍ ଏଭେନାରୀଙ୍କ କାମରୁ କିଛି ଅତ୍ୟନ୍ତ ଜ୍ଞାନୋଦ୍ଦୀପକ ଶିକ୍ଷା ଲାଭ କରିହେବ, ଯିଏକି ବର୍ଷକୁ ହାରାହାରି ୧୦୫ ମିଲିମିଟର ବୃଷ୍ଟିପାତ ବିଶିଷ୍ଟ ସମ୍ପୂର୍ଣ୍ଣ ଶୁଷ୍କ ମରୁଭୂମିରୁ ଏହି ବିଷୟ ଉପରେ ସର୍ବୋତ୍ତମ ଜ୍ଞାନର ସମ୍ଭାର ସୃଷ୍ଟି କରିଛନ୍ତି ।

ଏଭେନାରୀଙ୍କ ମନରେ ଏହି ସତ୍ୟକୁ ନେଇ ଆଗ୍ରହ ସୃଷ୍ଟି ହେଲା ଯେ, ପ୍ରାଚୀନ ଇସ୍ରାଏଲୀ ସଭ୍ୟତା ନିଜର କୃଷି ଓ ଜଳ ଯୋଗାଣ ବ୍ୟବସ୍ଥା ଥାଇ ନେଗେଭ୍ ମରୁଭୂମିର ଠିକ୍ ମଧ୍ୟସ୍ଥଳରେ ସହରମାନ ନିର୍ମାଣ କରିଥିଲା- ଯେମିତିକି କଠୋର ପରିଶ୍ରମୀ ମାରୱାଡ଼ିମାନେ ଥର୍ ମରୁଭୂମି ଅଞ୍ଚଳରେ ଯୋଧପୁର ଓ ଜୟସାଲମେର୍ ପରି ସହରକୁ ଗଢ଼ି ତୋଳିବାରେ ସକ୍ଷମ ହୋଇଛନ୍ତି । ଉଭୟ ଇସ୍ରାଏଲି ଓ ମାରୱାଡ଼ିମାନେ

Digitized by srujanika@gmail.com

ଉପଲବ୍ଧ ବର୍ଷାକୁ ସେମାନଙ୍କର ଖାଦ୍ୟ ଓ ଜଳର ଚାହିଦା ପୂରଣ ନିମନ୍ତେ ଅତି ଚତୁରତାର ସହିତ ବ୍ୟବହାର କରିଛନ୍ତି । ପ୍ରାଚୀନ ନେଗେଭ୍ ଫାର୍ମର ପୁନଃର୍ନିର୍ମାଣ ଉଦ୍ୟମ କରୁ କରୁ ଏଭେନାରୀ ଏକ ଆଶ୍ଚର୍ଯ୍ୟଜନକ ଅନ୍ୱେଷଣ ଫଳାଫଳ ସହ ପରିଚିତ ହେଲେ ହେକ୍ଟର ପିଛା କ୍ଷୁଦ୍ର ଜଳବିଭାଜିକା ଗୁଡ଼ିକଦ୍ୱାରା ଅମଳ କରାଯାଇଥିବା ଜଳର ପରିମାଣ, ବୃହଦାକାର ଜଳବିଭାଜିକା ଗୁଡ଼ିକଦ୍ୱାରା ଅମଳ ହୋଇଥିବା ଜଳଠାରୁ ଢେର୍ ଅଧିକ, କାରଣ ବୃହଦାକାର ଜଳବିଭାଜିକା ଦ୍ୱାରା ସଂଗୃହୀତ ଜଳ, ସଂଗୃହୀତ ହେବା ପୂର୍ବରୁ ଏକ ବିରାଟ ଅଞ୍ଚଳ ଦେଇ ବହିଯାଏ ଏବଂ ଏହାର ଏକ ବଡ଼ଭାଗ ଛୋଟ ଖାଲ ଖମଣାରେ ମାଟିର ଆର୍ଦ୍ରତା ରୂପେ ଓ ତାପ ଯୋଗୁଁ ବାଷ୍ପୀଭୂତ ହୋଇ ଲୁପ୍ତ ହୋଇଯାଏ ।

ଜଳର ଏହି କ୍ଷତି ଆକର୍ଷଣୀୟ ଭାବେ ଅଧିକ କାରଣ ଯେତେବେଳେ ନେଗେଭ୍‌ର ଗୋଟିଏ ହେକ୍ଟର ପରିମିତ ଜଳବିଭାଜିକା ବାର୍ଷିକ ୯୫ ଘନମିଟର ଜଳ ଉତ୍ପନ୍ନ କଲା, ଗୋଟିଏ ୩୪୫ ହେକ୍ଟର ପରିମିତ ଜଳବିଭାଜିକା ହେକ୍ଟର ପିଛା ବାର୍ଷିକ କେବଳ ୨୪ ଘନମିଟର ଜଳ ଉତ୍ପନ୍ନ କଲା । ଅନ୍ୟଭାଷାରେ, ପ୍ରାୟ ଶତକଡ଼ା ୭୫ ଭାଗ ଜଳ ହରେଇବାକୁ ହେଲା । ମରୁଡ଼ି ବର୍ଷମାନଙ୍କରେ ଏ କ୍ଷତି ତ ଯଥେଷ୍ଟ ଅଧିକ । ବର୍ଷ ବର୍ଷର ଗବେଷଣା ପରେ ଏଭେନାରୀ ତାଙ୍କର ଅନ୍ୱେଷଣର ଫଳାଫଳର ସାରାଂଶକୁ ନିମ୍ନମତେ ପ୍ରକଟ କଲେ । ‘‘ମରୁଡ଼ି ବର୍ଷମାନଙ୍କରେ ୫୦ ମିଲିମିଟରରୁ କମ ବୃଷ୍ଟିପାତ ଥାଇ (ନେଗେଭ୍ ମରୁଭୂମିରେ ସାଧାରଣ ବୃଷ୍ଟିପାତ ପ୍ରାୟ ୧୦୫ ମିଲିମିଟର) ୫୦ ହେକ୍ଟରରୁ ଅଧିକ ଅଞ୍ଚଳ ପରିମିତ ଜଳବିଭାଜିକା ଗୁଡ଼ିକ ପସନ୍ଦ ମୁତାବକ ଜଳ ଉତ୍ପନ୍ନ କରିପାରିବେ ନାହିଁ, ସେତେବେଳେ କ୍ଷୁଦ୍ର ପ୍ରାକୃତିକ ଜଳବିଭାଜିକାଗୁଡ଼ିକ ହେକ୍ଟର ପିଛା ୨୦-୨୪ ଘନମିଟର ଜଳ ଉତ୍ପନ୍ନ କରିବେ ଏବଂ ଅଣୁ ଜଳବିଭାଜିକା ଅଞ୍ଚଳ ଗୁଡ଼ିକ (୦.୧ ହେକ୍ଟରରୁ ଆହୁରିକମ୍) ହେକ୍ଟର ପିଛା ୮୦-୧୦୦ ଘନମିଟର ଜଳ ଉତ୍ପନ୍ନ କରିବେ । (ଦ୍ରଷ୍ଟବ୍ୟ : ସାରଣୀ-୩ ଆକାରର ଆଶ୍ଚର୍ଯ୍ୟ ଜନକ ପ୍ରଭାବ ନେଗେଭ୍ ମରୁଭୂମିରେ ଦେଖାଯାଇଥିବା ୧୦% ଭାଗ ଢାଲୁ ଏବଂ ବର୍ଷକୁ ୧୦୫ ମିଲିମିଟର ବୃଷ୍ଟିପାତ ବିଶିଷ୍ଟ ଜଳବିଭାଜିକା ଅଞ୍ଚଳ କ୍ଷେତ୍ରରେ ସଂଗୃହୀତ ଜଳର ପରିମାଣ ଉପରେ ବୃଷ୍ଟିପାତ ଅଞ୍ଚଳର ଆକାରର ପ୍ରଭାବ ଏବଂ ସାରଣୀ-୪ : ଏପରିକି ମରୁଡ଼ିବେଳେ ଢେର୍ ପ୍ରଭାବ ! ମରୁଡ଼ି ବର୍ଷ ମାନଙ୍କରେ ୫୦ ମି.ମି.ରୁ କମ୍ ବୃଷ୍ଟିପାତ ଥାଇ ନେଗେଭ୍ ମରୁଭୂମିରେ ଦେଖାଯାଇଥିବା ସଂଗୃହୀତ ଜଳର ପରିମାଣ ଉପରେ ଜଳବିଭାଜିକା ଅଞ୍ଚଳର ଆକାରର ପ୍ରଭାବ)

ଗୋଟିଏ ଜଳଛାୟାରେ କେତେ ପରିମାଣର ବୃଷ୍ଟିପାତ ନିଗିଡ଼ା ଜଳରେ ପରିଣତ ହେବ ଯାହାକୁ କି ଗ୍ରାମବାସୀଙ୍କ ଦ୍ୱାରା ସେମାନଙ୍କର ପାନୀୟ ଓ ଜଳସେଚନର ଚାହିଦା ନିମନ୍ତେ ସଂଗ୍ରହ କରାଯାଇ ପାରିବ, ଅନେକ ଗୁଡ଼ିଏ ଉପାଦାନ ତାହା ନିର୍ଦ୍ଧାରଣ କରେ । ଏହି ସାରଣୀ ଦର୍ଶାଏ ଯେ, ଢାଲୁ ପରି ଅନ୍ୟାନ୍ୟ ଉପାଦାନ ସମାନ ଥାଇ, ବୃଷ୍ଟିପାତ ଅଞ୍ଚଳର ଆକାର ଯେତେ ବଡ଼ ହେବ, ସେତେ କମ୍ ନିଗିଡ଼ା ପାଣି ସେଥିରୁ ସଂଗ୍ରହ କରାଯାଇ ପାରିବ । ଏହାର କାରଣ, ବୃହଦାକର ବୃଷ୍ଟିପାତ ଅଞ୍ଚଳର ଜଳ ସଂଗୃହୀତ ହେଲା ପୂର୍ବରୁ, ଏହାକୁ ଅନେକ ଦୂର ଗଡ଼ିଯିବାକୁ ହେବ ଏବଂ ସେଇ ସମୟରେ ପ୍ରଚୁର ଜଳ ଖାଲ ଖମଣାରେ ଦ୍ରବୀଭୂତ ହୋଇଯିବ କିମ୍ବା ବାଷ୍ପୀଭୂତ ହୋଇ ଯିବ । ତେଣୁ କ୍ଷୁଦ୍ର

Digitized by srujanika@gmail.com

ବୃଷ୍ଟିପାତ ଅଞ୍ଚଳ ସର୍ବାଧିକ ଜଳ ଯୋଗାଇ ଥାଏ ଏବଂ ପାର୍ଥକ୍ୟ ସମ୍ପୂର୍ଣ୍ଣ ଅଧିକ ହୋଇପାରେ । ଯେମିତି ଏ ସାରଣୀ ଦର୍ଶାଏ, ୦.୧ ହେକ୍ଟର ପରିମିତ ପ୍ରତ୍ୟେକ ବୃଷ୍ଟିପାତ ଅଞ୍ଚଳ ପରି ୩୦୦୦ଟି ଅଣୁ ବୃଷ୍ଟିପାତ ଅଞ୍ଚଳ ଏକତ୍ର ଭାବେ, ଗୋଟିଏ ୩୦୦ ହେକ୍ଟର ପରିମିତ ବୃଷ୍ଟିପାତ ଅଞ୍ଚଳ ଦ୍ୱାରା ଅମଳ ହେଉଥିବା ଜଳର ପାଞ୍ଚଗୁଣ ଜଳ ଯୋଗାଇ ଥାଏ, ଯଦିଓ ଉଭୟ କ୍ଷେତ୍ରରେ ମୋଟ ଜମିର ପରିମାଣ ସମାନ ରହେ । ସହଜ ଭାଷାରେ କହିଲେ, ମରୁଡ଼ି ପ୍ରବଣ ଅଞ୍ଚଳରେ ଏକ ହେକ୍ଟର ପରିମିତ ଜଳବିଭାଜିକା ଅଞ୍ଚଳ ବିଶିଷ୍ଟ ୧୦ଟି ବନ୍ଧ, ୧୦ ହେକ୍ଟର ପରିମିତ ଜଳବିଭାଜିକା ଅଞ୍ଚଳ ବିଶିଷ୍ଟ ଗୋଟିଏ ବଡ଼ ବନ୍ଧଠାରୁ ଯଥେଷ୍ଟ ଅଧିକ ପରିମାଣରେ ଜଳ ଯୋଗାଇବ ।

ସାରଣୀ ୩- ଆକାରର ଆଶ୍ଚର୍ଯ୍ୟ ଜନକ ପ୍ରଭାବ ନେଗେଭ୍ ମରୁଭୂମିରେ ସଂଗୃହୀତ ଜଳର ପରିମାଣ ଉପରେ ଜଳବିଭାଜିକା ଅଞ୍ଚଳର ଆକାରର ପ୍ରଭାବ (୧୦% ଭାଗ ଢାଲୁ ଓ ବର୍ଷକୁ ୧୦୫ ମି. ମି. ବୃଷ୍ଟିପାତ ବିଶିଷ୍ଟ ଜଳବିଭାଜିକା ଅଞ୍ଚଳ କ୍ଷେତ୍ରରେ ।

କ୍ର.ନିଂ	ବୃଷ୍ଟିପାତ ଅଞ୍ଚଳର ଆକାର (ହେକ୍ଟରରେ)	ଅମଳ ହୋଉଥିବା ଜଳର ପରିମାଣ (ଘନମିଟର/ହେକ୍ଟର)	ସଂଗୃହୀତ ବାର୍ଷିକ ବୃଷ୍ଟିପାତର ଶତକଡ଼ା ହିସାବ ।
୧	ଅଣୁ ଜଳବିଭାଜିକା (କ)	୧୬୦	୧୫.୨୧%
୨	୨୦ ହେକ୍ଟର	୧୦୦	୯.୫୨%
୩	୩୦୦ ହେକ୍ଟର	୫୦	୩.୩୩%

ଟିପ୍ପଣୀ : (କ) ଗୋଟିଏ ଅଣୁ ଜଳବିଭାଜିକା ଅଞ୍ଚଳ କହିଲେ ୧୦୦୦ ବର୍ଗ ମିଟର କିମ୍ବା ୦.୧ ହେକ୍ଟର ପରିମିତ ଏକ କ୍ଷୁଦ୍ର ଜଳବିଭାଜିକା ଅଞ୍ଚଳକୁ ବୁଝାଏ ।

ଆଧାର :ମାଇକେଲ୍ ଏଭେନାରୀ, ଇସ୍ରାଏଲ୍ ୧୯୭୧, ଦି ନେଗେଭ୍ : ଦି ଚାଲେଞ୍ଜ ଅଫ୍ ଏ ଡେଜର୍ଟ, ଅକ୍ସଫୋର୍ଡ ୟୁନିଭରସିଟି ପ୍ରେସ୍, ୟୁ.କେ. ।

▲ ଗୋଟିଏ ସାଧାରଣ ଭାରତୀୟ ଗାଁ ତାର ପାନୀୟ ଜଳର ଚାହିଦା ପୂରଣ ନିମନ୍ତେ ମାତ୍ର ୧.୧୪ ହେକ୍ଟର ପରିମାଣର ଜମି ଆବଶ୍ୟକ କରେ ।

ସାରଣୀ ୪ : ଏପରିକି ମରୁଡ଼ି ବେଳେ ଢେର୍ ପ୍ରଭାବ : ମରୁଡ଼ି ବର୍ଷ ମାନଙ୍କରେ ୫୦ ମିଲିମିଟର କମ୍ ବୃଷ୍ଟିପାତ ଥାଇ, ନେଗେଭ୍ ମରୁଭୂମିରେ ଦେଖାଯାଇଥିବା ସଂଗୃହୀତ ଜଳର ପରିମାଣ ଉପରେ ବୃଷ୍ଟିପାତ ଅଞ୍ଚଳର ଆକାରର ପ୍ରଭାବ । ନିମ୍ନ ସାରଣୀ ଦର୍ଶାଏ ଯେ, ଗୋଟିଏ ମରୁଭୂମିରେ ମରୁଡ଼ି ବେଳେ ବିଶାଳ ବୃଷ୍ଟିପାତ ଅଞ୍ଚଳରୁ ଖୁବ୍ କମ୍ ପାଣି ସଂଗୃହୀତ ହୋଇଥାଏ ।

Digitized by srujanika@gmail.com

କ୍ର. ନିଂ	ବୃଷ୍ଟିପାତ ଅଞ୍ଚଳର ଆକାର (ହେକ୍ଟରରେ)	ଅମଳ ହୋଇଥିବା ଜଳର ପରିମାଣ (ଘନମିଟର/ହେକ୍ଟର)	ସଂଗୃହୀତ ବାର୍ଷିକ ବୃଷ୍ଟିପାତର ଶତକଡ଼ା ହିସାବ ।
୧	ଅଣୁ ଜଳବିଭାଜିକା	୮୦-୧୦୦	୧୬-୨୦%
୨	କ୍ଷୁଦ୍ର ପ୍ରାକୃତିକ ଜଳବିଭାଜିକା	୨୦-୪୦	୪-୮%
୩	୫୦ ହେକ୍ଟରରୁ ଊର୍ଦ୍ଧ୍ୱ ବୃହତ୍ ଜଳବିଭାଜିକା	ପ୍ରାୟ ଆଦୌ ଜଳ ସଂଗୃହୀତ ହୋଇପାରେ ନାହିଁ ।	୦%

ଟିପ୍ପଣୀ : (କ) ଗୋଟିଏ ଅଣୁ ଜଳବିଭାଜିକା ଅଞ୍ଚଳ କହିଲେ ୧୦୦୦ ବର୍ଗମିଟର କିମ୍ବା ୦.୧ ହେକ୍ଟର ପରିମିତ ବା ତାଠାରୁ କମ୍ ଏକ କ୍ଷୁଦ୍ର ଜଳବିଭାଜିକା ଅଞ୍ଚଳକୁ ବୁଝାଏ ।

ଆଧାର :ମାଇକେଲ ଏଭେନାରୀ, ଇସ୍ରାଏଲ ୧୯୭୧, ଦି ନେଗେଭ୍ : ଦି ଚାଲେଞ୍ଜ ଅଫ ଏ ଡେଜର୍ଟ, ଅକ୍ସଫୋଡ଼ ୟୁନିଭର୍‌ସିଟି ପ୍ରେସ୍, ୟୁ.କେ. ।

ଏ ସବୁ ଅନ୍ୱେଷଣର ଫଳାଫଳ ହେଲା ଜଟିଳ, କାରଣ ଜଣେ କେତେ ପରିମାଣରେ ବର୍ଷାଜଳ ସଂଗ୍ରହ କରିପାରିବ ତାହା, ଜମିର ପରିମାଣ ଉପରେ ନିର୍ଭର କରେ, ଯେଉଁ ଜମିରୁ ନିଗିଡ଼ା ପାଣି ସବୁକୁ ସଂଗ୍ରହ କରାଯାଇଥାଏ । କିନ୍ତୁ ଏଭେନାରୀ ଦେଖିଥିଲେ ଯେ, ଏପରିକି ଯଦି ଆପଣଙ୍କର ସେହି ସମାନ ପରିମାଣର ଜମି ଅଛି, ତାହାହେଲେ ଆପଣ ସେଥିରୁ ଯଥେଷ୍ଟ ଅଧିକ ପରିମାଣର ଜଳ ପାଇପାରିବେ, ଯଦି ଆପଣ ପୂର୍ବରୁ ଗୋଟିଏ ବୃଷ୍ଟିପାତ ଅଞ୍ଚଳ ହିସାବରେ ଜଳ ସଂଗ୍ରହ କରିବା ଅପେକ୍ଷା, ଏ ଜମିକୁ ଭାଙ୍ଗି ଛୋଟ ଛୋଟ ବୃଷ୍ଟିପାତ ଅଞ୍ଚଳରେ ପରିଣତ କରିପାରିବେ । ଡେରାଡୁନ୍‌ର କେନ୍ଦ୍ରୀୟ ମୃତ୍ତିକା, ଜଳ ସଂରକ୍ଷଣ ଗବେଷଣା ଓ ପ୍ରଶିକ୍ଷଣ ସଂସ୍ଥାନ ଦ୍ୱାରା କରାଯାଇଥିବା ଅଧିକାଂଶ ଅନୁସନ୍ଧାନ, ବୃଷ୍ଟିପାତ ଅଞ୍ଚଳର ଆକାର ଓ ସେଥିରୁ ସଂଗୃହୀତ ହୋଇଥିବା ନିଗିଡ଼ା ଜଳ ମଧ୍ୟରେ ଥିବା ସ୍ୱଷ୍ଟ ସମ୍ପର୍କକୁ ଦର୍ଶାଇଥାଏ । ଗୋଟିଏ ଅନୁସନ୍ଧାନ ଦର୍ଶାଏ ଯେ, କେବଳ ବୃଷ୍ଟିପାତ ଅଞ୍ଚଳର ଆକାର ୦୧ ହେକ୍ଟରରୁ ୦୨ ହେକ୍ଟରକୁ ବଢ଼ାଇଦେଲେ, ହେକ୍ଟର ପିଛା ସଂଗୃହୀତ ହେଉଥିବା ଜଳର ଶତକଡ଼ା ୨୦ ଭାଗ ହ୍ରାସ ପାଏ, (ଦ୍ରଷ୍ଟବ୍ୟ : ଗ୍ରାଫ୍ ୨ ଅମଳ ହେଉଥିବା ଜଳର ପରିମାଣ ଉପରେ ଆକାରର ପ୍ରଭାବ: ଭାରତୀୟ ଅନୁସନ୍ଧାନ) ଆଗ୍ରା, ବେଲାରୀ ଏବଂ କୋଟାରେ ଥିବା କେନ୍ଦ୍ରୀୟ ମୃତ୍ତିକା ଓ ଜଳ ସଂରକ୍ଷଣ ଗବେଷଣା ସଂସ୍ଥାନ ଦ୍ୱାରା ହୋଇଥିବା ଅନୁସନ୍ଧାନ ଏବଂ ଶିଲଂର ଅଧିକ ବୃଷ୍ଟିପାତ ହେଉଥିବା ଅଞ୍ଚଳରେ କରାଯାଇଥିବା ଆଉ ଏକ ଅନୁସନ୍ଧାନ, ଏ ସମସ୍ତ ଅନୁସନ୍ଧାନରୁ ଦୃଷ୍ଟିଗୋଚର ହୋଇଛି ଯେ, କ୍ଷୁଦ୍ରତର ଜଳ ବିଭାଜିକା

Digitized by srujanika@gmail.com

ଅପେକ୍ଷାକୃତ ଅଧିକ ଜଳ ସଂଗ୍ରହ କରିଥାଏ । "ସହଜ ଭାଷାରେ ଏ ସବୁର ଅର୍ଥ ହେଉଛି, ଗୋଟିଏ ମରୁଡ଼ି ପ୍ରବଣ ଅଞ୍ଚଳରେ, ଯେଉଁଠି ଜଳର ଅଭାବ ରହିଛି, ପ୍ରତ୍ୟେକ ୦୧ ହେକ୍ଟର ବୃଷ୍ଟିପାତ ଅଞ୍ଚଳ ପରିମିତ ୧୦ଟି ଛୋଟିଆ ବନ୍ଧ, ୧୦ ହେକ୍ଟର ବୃଷ୍ଟିପାତ ଅଞ୍ଚଳ ପରିମିତ ଗୋଟିଏ ବଡ଼ ବନ୍ଧ ଅପେକ୍ଷା ଢେର୍ ଅଧିକ ଜଳ ସଂଗ୍ରହ କରିବ ।" (ଦ୍ରଷ୍ଟବ୍ୟ ରେଖା ଚିତ୍ର ୧ କ୍ଷୁଦ୍ରତର ବୃଷ୍ଟିପାତ ଅଞ୍ଚଳ ଢେର୍ ଅଧିକ ଜଳ ପ୍ରଦାନ କରିଥାଏ ୧୦ ହେକ୍ଟର ବୃଷ୍ଟିପାତ ଅଞ୍ଚଳ ପରିମିତ ଗୋଟିଏ ବନ୍ଧ, ପ୍ରତ୍ୟେକ ୦୧ ହେକ୍ଟର ବୃଷ୍ଟିପାତ ଅଞ୍ଚଳ ପରିମିତ ଛୋଟ ଛୋଟ ୧୦ଟି ବନ୍ଧର ଜଳଠାରୁ ଢେର୍ କମ୍ ଜଳ ସଂଗ୍ରହ କରିବ)

ଏଥିରେ ଆଶ୍ଚର୍ଯ୍ୟ ହେବା ଉଚିତ୍ ନୁହେଁ ଯେ, ସୌରାଷ୍ଟ୍ରରେ ନିର୍ମିତ ହୋଇଥିବାରୁ ବହୁ ସଂଖ୍ୟକ ମଧ୍ୟମ ଆକାରର ବନ୍ଧ ଚଳିତ ମରୁଡ଼ି ବର୍ଷରେ ଖୁବ୍ ସ୍ୱଳ୍ପ ପରିମାଣର ଜଳ ସଞ୍ଚୟ କରିଥିଲା ଏବଂ ୧୯୯୯ ମସିହା ଡିସେମ୍ବର ଆଡ଼କୁ ଶୁଖିବା ଆରମ୍ଭ ହେଲା । ଏଥିରୁ ଏହା ସ୍ପଷ୍ଟ ଯେ, ମରୁଡ଼ି ନିରୋଧର ଉପାୟ ଆଉ ବଡ଼ ଓ ମଧ୍ୟମ ଧରଣର ବନ୍ଧ ଭଳି ବୃହଦାକାର ଜଳ ଅମଳ ପ୍ରକଳ୍ପରେ ନିହିତ ନାହିଁ ଏହା କ୍ଷୁଦ୍ର ଜଳ ଅମଳ ପ୍ରକଳ୍ପର ଭିତ୍ତି ନିର୍ମାଣରେ ନିହିତ ଅଛି, ଯାହାକି କୃଷିକ୍ଷେତ୍ର ତଥା ଗାଆଁ ସ୍ତରରେ ନିର୍ମାଣ କରାଯାଇପାରିବ ।

ଏଭେନାରୀ ତାଙ୍କର ଅନ୍ୱେଷଣର ଫଳାଫଳକୁ ପ୍ରଦର୍ଶିତ କରିବା ପାଇଁ ଗୋଟିଏ ସ୍ୱତନ୍ତ୍ର ବୃଷ୍ଟିପାତ ଅଞ୍ଚଳ ସୃଷ୍ଟିକରି, ସମ୍ପୂର୍ଣ୍ଣ ଶୁଷ୍କ ନେଗେଭ୍ ମରୁଭୂମିର ମଧ୍ୟସ୍ଥଳରେ ଗୋଟିଏ ଫଳ ଉଦ୍ୟାନ ପ୍ରସ୍ତୁତ କରିଥିଲେ- ଗୋଟିଏ ପ୍ଲଟ୍ ଜମିର ଆକାର ୧୫.୬ ବର୍ଗମିଟରରୁ ଆରମ୍ଭ କରି ୧୦୦୦ ବର୍ଗମିଟର ପର୍ଯ୍ୟନ୍ତ- ପ୍ରତ୍ୟେକ ଗଛ ପାଇଁ ସର୍ବାଧିକ ପରିମାଣର ଜଳ ସଂଗ୍ରହ କରିବା ନିମନ୍ତେ ସେ ଏହି ବ୍ୟବସ୍ଥା ଗ୍ରହଣ କରିଥିଲେ ।

ତେଣୁ ଏହାକୁ ଯେମିତି ଭାବରେ ବି ଦେଖନ୍ତୁ, ଗୋଷ୍ଠୀ ଆଧାରିତ କ୍ଷୁଦ୍ର ସ୍ତରର ବର୍ଷାଜଳ ଅମଳ ପ୍ରକ୍ରିୟା, ଅତ୍ୟଧିକ ଖରାପ ମରୁଡ଼ି ପରିସ୍ଥିତିରେ ମଧ୍ୟ ଚାହିଦାଠାରୁ ଅଧିକ ପାନୀୟ ଜଳ ଯୋଗାଇ ଦେବା ପାଇଁ କେବଳ ଯେ ସକ୍ଷମ ତାହା ନୁହେଁ, ବରଂ ଏହା ଜଳ ସଂଗ୍ରହ କରିବାର ଏକ ସର୍ବୋତ୍କୃଷ୍ଟ ଏବଂ ସଫଳ ପନ୍ଥା ।

▲ ପରିବେଶ ଦୃଷ୍ଟିରୁ କ୍ଷୁଦ୍ର ହେଉଛି କାର୍ଯ୍ୟଦକ୍ଷ, ଯେହେତୁ ୧ ହେକ୍ଟର ବୃଷ୍ଟିପାତ ଅଞ୍ଚଳ ପରିମାଣର ୧୦ଟି ବନ୍ଧ, ୧୦ ହେକ୍ଟର ବୃଷ୍ଟିପାତ ଅଞ୍ଚଳ ପରିମାଣର ଗୋଟିଏ ବନ୍ଧ ଅପେକ୍ଷା ଅଧିକ ଜଳ ସଞ୍ଚୟ କରିବ ।

Digitized by srujanika@gmail.com

୫- ମନ୍ତ୍ରୀମାନେ ବର୍ତ୍ତମାନ ବର୍ଷାଜଳ ଅମଳ କରିବା ବାବଦରେ କଥାବାର୍ତ୍ତା ହେଉଛନ୍ତି :

ଏଇ ଗତ କିଛି ସପ୍ତାହରେ, ଗଣ ମାଧ୍ୟମ ମରୁଡ଼ିଜନିତ ପ୍ରଭାବ ଉପରେ ଝଡ଼ ସୃଷ୍ଟି କଲାପରଠାରୁ, ପ୍ରଧାନମନ୍ତ୍ରୀ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ, ସହରାଞ୍ଚଳ ଓ ଜଳ ସମ୍ପଦ ବିକାଶ ମନ୍ତ୍ରୀ ସମେତ ଆମର ଅଧିକାଂଶ ରାଜନେତାମାନେ, ଦେଶକୁ ମରୁଡ଼ି ନିରୋଧକ କରିବା ପାଇଁ ଗୋଷ୍ଠୀ ଆଧାରିତ ବର୍ଷା ଜଳ ଅମଳ ଜ୍ଞାନକୌଶଳର ଗୁରୁତ୍ୱ ସମ୍ପର୍କରେ ବିବୃତିମାନ ଦେଇଛନ୍ତି ।

ପ୍ରଥମ ବିବୃତିରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁନ୍ଦରଲାଲ ପଟୱା କହିଛନ୍ତି ଯେ, ସରକାର ଧିରେ ଧିରେ ସରକାରୀ କାର୍ଯ୍ୟକ୍ରମ ସ୍ଥାନରେ ଲୋକ ଭିତ୍ତିକ, ବିକେନ୍ଦ୍ରୀଭୂତ ଏବଂ ଜନ ଚାହିଦାନୁଯାୟୀ ଜଳ ଯୋଗାଣ କାର୍ଯ୍ୟକ୍ରମର ପ୍ରଚଳନ କରିବା ପାଇଁ ଆଶା ପୋଷଣ କରନ୍ତି । ଏ କାର୍ଯ୍ୟକ୍ରମ ନିମନ୍ତେ ଉଦ୍ଦିଷ୍ଟ ଅର୍ଥ ବରାଦର ଶତକଡ଼ା ୮ ଭାଗ ବଢ଼ାଇ ଦିଆଯିବା ଦ୍ୱାରା ଗତ ବର୍ଷ ପାଇଁ ଥିବା ୧୮୦୦ କୋଟି ଟଙ୍କାର ଅର୍ଥ ବରାଦ ୨୦୦୦-୦୧ ବର୍ଷ ପାଇଁ ୧୯୬୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି ଏବଂ ଏହାର ଏକ ପଞ୍ଚମାଂଶ ଗୋଷ୍ଠୀ ଆଧାରିତ କାର୍ଯ୍ୟକ୍ରମକୁ ହାତକୁ ନେଉଥିବା ରାଜ୍ୟ ସରକାରମାନଙ୍କୁ ଦିଆଯିବ, ଯାହା ଫଳରେ କି ଗ୍ରାମବାସୀମାନେ ଏକ ନିଷ୍ପତ୍ତିମୂଳକ ଭୂମିକା ନେଇପାରିବେ । ଏହାର ପୁଞ୍ଜି ଅଟକଳ ଏବଂ ପରିଚାଳନା ମୂଲ୍ୟ ଏବଂ ରକ୍ଷଣବେକ୍ଷଣ ମୂଲ୍ୟର ଏକ ଅଂଶ ବ୍ୟବହାରକାରୀମାନେ ନିଜେ ବହନ କରିବେ । ଏହି ଯୋଜନାକୁ ପରୀକ୍ଷାମୂଳକ ଭାବେ କାର୍ଯ୍ୟକାରୀ କରିବା ପାଇଁ ୫୮ଟି ଜିଲ୍ଲାକୁ ଚିହ୍ନଟ କରାଯାଇଛି । ଇତ୍ୟବସରରେ ପାନୀୟ ଜଳ ଉତ୍ସ ଗୁଡ଼ିକର ପୁନଃ କାର୍ଯ୍ୟକ୍ଷମତାକୁ ଅନୁଧ୍ୟାନ କରିବା ପାଇଁ ଏକ ପରିଚାଳନା କମିଟି ପ୍ରତିଷ୍ଠା କରାଯାଇଛି ।

ଦ୍ୱିତୀୟ ବିବୃତିରେ ପ୍ରଧାନମନ୍ତ୍ରୀଙ୍କଠାରୁ ଶୁଣିବାକୁ ମିଳିଛି, ଦେଶରେ ହେଉଥିବା ବୃଷ୍ଟିପାତର କେବଳ ଶତକଡ଼ା ଛଅ ଭାଗ ସଂରକ୍ଷଣ କରାଯାଉଛି ଏବଂ ଏଣିକି ବର୍ଷା ଜଳ ଅମଳ ଉପରେ ଅଧିକ ଗୁରୁତ୍ୱ ଆରୋପ କରାଯିବ ।

ସହରାଞ୍ଚଳ ବିକାଶ ମନ୍ତ୍ରୀ ଜଗମୋହନ ତୃତୀୟ ବିବୃତି ଦେଇକହିଛନ୍ତି, ଏଣିକି ଦେଶର ସହରାଞ୍ଚଳ ନିର୍ମାଣ ନିୟମାବଳୀରେ ଜଳ ଅମଳକୁ ବାଧ୍ୟତାମୂଳକ କରାଯିବ ।

ଚତୁର୍ଥ ବିବୃତି ଦେଇଛନ୍ତି ଜଳ ସମ୍ପଦ ମନ୍ତ୍ରୀ ସି. ପି. ଠାକୁର । ଏପ୍ରିଲ୍ ଶେଷ ଆଡ଼କୁ ଏକ ସାକ୍ଷାତକାରରେ ଜଳ ଅମଳ ବିଷୟରେ କହିଲାବେଳେ, ସେ ଦିଲ୍ଲୀର ଶ୍ରମ ଶକ୍ତି ଭବନ ଏବଂ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ଏବଂ ଜୟପୁରରେ ନଅଟି ବିଲ୍ଡିଂରେ ଏ କ୍ଷେତ୍ରରେ ତାଙ୍କର ପ୍ରମୁଖ ଉଦ୍ୟମ ଦ୍ୱାରା ଅମଳ ହେଉଥିବା ଜଳର ନମୁନା ପ୍ରଦାନ କରିଥିଲେ, କିନ୍ତୁ ଏପ୍ରିଲ ପ୍ରାରମ୍ଭରେ ସେ ଜଳାଭାବ ଦେଖାଯାଉଥିବା ଅଞ୍ଚଳରେ ଅନୁଦାନକୁ ଗ୍ରାମ୍ୟହିତାଧିକାରୀ ଜଳ ଓ ଜଳ ବ୍ୟବହାରକାରୀ ସଂଘ ନିକଟରେ ସିଧା ସଳଖ ପହଞ୍ଚାଇ ୧୦,୦୦୦ ଜଳ ଅମଳ ସଂରଚନା ନିର୍ମାଣ କରି ଭୂତଳ ଜଳକୁ ପୁନଃର୍ଜୀବିତ କରିବା ପାଇଁ ୫୫୦ କୋଟି ଟଙ୍କାର ଏକ ବଡ଼ ଯୋଜନା ଘୋଷଣା କରିଥିଲେ ।

Digitized by srujanika@gmail.com

ଏ କ୍ଷେତ୍ରରେ ରାଜ୍ୟ ଗୁଡ଼ିକ ମଧ୍ୟ ପଛରେ ପଡ଼ିନାହାଁନ୍ତି । ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ଏନ. ଚନ୍ଦ୍ରବାବୁ ନାଇଡୁ ଜଳବିଭାଜିକା ବିକାଶ କାର୍ଯ୍ୟକ୍ରମର ପୁନଃର୍ବିନ୍ୟାସ ନିମନ୍ତେ ଘୋଷଣା କରିଛନ୍ତି । ସେ ଜଳ ସଂରକ୍ଷଣ ମିଶନର ପ୍ରଥମ ବୈଠକ ଅନୁଷ୍ଠିତ କରିସାରିଲେଣି । ଏକ ସାକ୍ଷାତକାରରେ ମୁଖ୍ୟମନ୍ତ୍ରୀ ଇଣ୍ଡିଆନ ଏକ୍ସପ୍ରେସକୁ କହିଲେ, "ଏ ପର୍ଯ୍ୟନ୍ତ ଆମେ ଜଳବିଭାଜିକା କାର୍ଯ୍ୟକ୍ରମ କ୍ଷେତ୍ରରେ କୋଟି କୋଟି ଟଙ୍କା ଢାଳି ଦେଇଛୁ । କିନ୍ତୁ ଫଳାଫଳ ଅତ୍ୟନ୍ତ ନୈରାଶ୍ୟଜନକ । କୃଷକମାନେ ଏଥିରେ ପ୍ରତ୍ୟକ୍ଷ ଭାବରେ ସମ୍ପୃକ୍ତ ନ ହେଲେ ପରିସ୍ଥିତି ବଦଳିବ ନାହିଁ ।" ଆନ୍ଧ୍ରପ୍ରଦେଶ ସରକାର ୪୦୦ କୋଟି ଟଙ୍କା ଏହି ନୂତନ ମିଶନ ଜରିଆରେ ଖର୍ଚ୍ଚ କରିବା ଏବଂ ୧୦ ନିୟୁତ ହେକ୍ଟର ପରିମିତ ଜମିକୁ ଏକ ଉତ୍ତମ ଜଳବିଭାଜିକା ପରିଚାଳନାର ଅନ୍ତର୍ଭୁକ୍ତ କରିବା ପାଇଁ ଯୋଜନା କରିଛନ୍ତି । ବଛାଯାଇଥିବା ଅଞ୍ଚଳରେ ୫୦୦ ହେକ୍ଟର ପରିମିତ ଏକ ଜଳବିଭାଜିକାର ଉନ୍ନତି ସାଧନ ନିମନ୍ତେ ଗ୍ରାମବାସୀଙ୍କୁ ୨୦ ଲକ୍ଷ ଟଙ୍କା ପ୍ରଦାନ କରାଯିବାର ବ୍ୟବସ୍ଥା ହୋଇଛି ।

ରେଖା ଚିତ୍ର ୧ : କ୍ଷୁଦ୍ରତର ବୃଷ୍ଟିପାତ ଅଞ୍ଚଳ ଢେର୍ ଅଧିକ ଜଳ ଦିଏ: ୧୦ ହେକ୍ଟର ବୃଷ୍ଟିପାତ ଅଞ୍ଚଳ ପରିମିତ ଗୋଟିଏ ବନ୍ଧ, ୧ ହେକ୍ଟର ବୃଷ୍ଟିପାତ ଅଞ୍ଚଳ ପରିମିତ ୧୦ଟି ବନ୍ଧଠାରୁ ଢେର୍ କମ୍ ଜଳ ସଂଗ୍ରହ କରିବ ।



Digitized by srujanika@gmail.com

ଗ୍ରାଫ ୨ : ସଂଗୃହୀତ ହୋଇଥିବା ଜଳର ପରିମାଣ ଉପରେ ଆକାରର ପ୍ରଭାବ : ଭାରତରୁ ଅନୁଧାନ ।

ଭାରତରେ ସମ୍ପାଦନ କରାଯାଇଥିବା ଅଧିକାଂଶ ଅନୁଧାନ ସେଇ ସମାନ ଫଳାଫଳ ଦର୍ଶାଇଥାଏ, ଯାହା ନେଗେଭ୍ ମରୁଭୂମିରେ ଦେଖାଯାଇଥିଲା : ବୃଷ୍ଟିପାତ ଅଞ୍ଚଳର ପରିଣତି ହେଉଛି, ବୃଷ୍ଟିପାତ ଅଞ୍ଚଳରେ ଅପେକ୍ଷାକୃତ କମ୍ ଅନୁପାତର ବୃଷ୍ଟିପାତ ଓ ଯାହା ନିଗିଡ଼ିଯିବା ଅବସ୍ଥାରେ ଆୟତ୍ତ କରାଯାଏ ।



Digitized by srujanika@gmail.com

ଆଧାର ଜେ. ଏସ୍. ସମରା, ଡାଇରେକ୍ଟର, ସେଣ୍ଟ୍ରାଲ ସଏଲ୍ ଆଣ୍ଡ ୱାଟର କଞ୍ଜରଭେସନ ରିସର୍ଚ୍ଚ ଟ୍ରେନିଂ ଇନିଷ୍ଟିଚ୍ୟୁଟ୍ ଡେରାଡୁନ୍, ପର୍ସନାଲ କମ୍ୟୁନିକେସନ ।

ସହରାଞ୍ଚଳ ପରିପ୍ରେକ୍ଷୀରେ ଜଳ ଅମଳ ଦିଗରେ ଦିଲ୍ଲୀ ସରକାର ବିଶେଷ ଆଗ୍ରହ ପ୍ରକାଶ କରିଛନ୍ତି । ବିଗତ ଦଶ ବର୍ଷ ମଧ୍ୟରେ ଦିଲ୍ଲୀରେ ଅନେକ ଭାଗରେ ଭୂତଳ ଜଳସ୍ତର ୪ରୁ ୧୦ ମିଟର ପର୍ଯ୍ୟନ୍ତ ହ୍ରାସ ପାଇଛି, ଏହି ସତ୍ୟକୁ ଆଧାର କରି ଦିଲ୍ଲୀ ସରକାର ସମସ୍ତ ନୂତନ ହାଉସିଂ ସୋସାଇଟିକୁ ସେମାନଙ୍କର କଂପ୍ଲେକ୍ସ ଭିତରେ ବାଧ୍ୟତାମୂଳକ ଭାବେ ବର୍ଷାଜଳ ସଂଗ୍ରହ କରିବା କାର୍ଯ୍ୟକୁ ଏକ ଆଇନ୍‌ଗତ ରୂପ ଦେବା କଥା ଗଭୀର ଭାବେ ଚିନ୍ତା କରୁଛନ୍ତି । ଇତ୍ୟବସରରେ ନୂଆଦିଲ୍ଲୀ ମ୍ୟୁନିସିପାଲ ନିଗମ ଜଳ ପୁଷ୍କରିଣୀକୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଜଳ ଅମଳ ପ୍ରକଳ୍ପ ମଞ୍ଜୁର କରିଛନ୍ତି, ଯାହାକି ଚାରୋଟି ମୁଖ୍ୟ ପାର୍କ ଯଥା : ତାଲ କଟୋରା ବଗିଚା, ନେହେରୁ ପାର୍କ, ଲୋଦି ବଗିଚା ଏବଂ କୃଷକ ନୁଲ୍ଲାଠାରେ ନିର୍ମାଣଧୀନ ଅଛି ।

ଗୁଜୁରାଟରେ ଜଳସେଚନ ମନ୍ତ୍ରୀ ନୀତିନ୍ ପଟେଲ୍ ଏପ୍ରିଲ୍ ଶେଷ ଆଡ଼କୁ କହିଲେ, ଯେ, ସରକାର ସର୍ଦ୍ଦାର ପଟେଲ୍ ସହଭାଗୀ ଜଳ ସଞ୍ଚୟ ଯୋଜନା ଜରିଆରେ ରାଜ୍ୟର ସବୁଆଡ଼େ ୧୦,୦୦୦ ଚେକ୍ ଡ୍ୟାମ୍ ନିର୍ମାଣ କରିବା ପାଇଁ ଯୋଜନା କରୁଛନ୍ତି । ଏହି ଚେକ୍ ଡ୍ୟାମ୍‌ର ମୂଲ୍ୟର ଶତକଡ଼ା ୪୦ ଭାଗ ଗ୍ରାମବାସୀମାନଙ୍କୁ ଦେବାକୁ ହେବ । ସରକାର ଏଥିପାଇଁ ୧୬,୦୦୦ରୁ ଅଧିକ ଦରଖାସ୍ତ ଗ୍ରହଣ କରିଛନ୍ତି, ଯାହା ମଧ୍ୟରୁ ୮, ୫୬୩ଟି ଦରଖାସ୍ତକୁ ଅନୁମୋଦନ ମିଳିଛି ଏବଂ ଏ କାର୍ଯ୍ୟକ୍ରମ ଆରମ୍ଭରେ ସରକାର ୨,୦୦୦ ଚେକ୍ ଡ୍ୟାମ୍ ନିର୍ମାଣ ପାଇଁ ୧୦୦/- କୋଟି ଟଙ୍କା ମଞ୍ଜୁର କରିଛନ୍ତି । ଅତୀତ ତୁଳନାରେ ଏହା ଏକ ଉଲ୍ଲେଖନୀୟ ପରିବର୍ତ୍ତନ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ୧୯୯୧ରୁ ୧୯୯୯-୨୦୦୦ ମଧ୍ୟରେ ଗୁଜୁରାଟ ସରକାରଙ୍କର ବିଭିନ୍ନ ବିଭାଗ ମାତ୍ର ୧,୩୪୧ଟି ଚେକ୍ ଡ୍ୟାମ୍ ନିର୍ମାଣ କରିପାରିଥିଲେ ।

ମଧ୍ୟପ୍ରଦେଶରେ ଏପ୍ରିଲ ଶେଷ ଭାଗରେ ନିମୁଚ୍ ଜିଲ୍ଲାରେ ଅନୁଷ୍ଠିତ ହୋଇଥିବା ଏକ କର୍ମଶାଳାରେ ଜଳ ଅମଳ ଜରିଆରେ ଜଳ ସଂରକ୍ଷଣ ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା ଏବଂ ଜିଲ୍ଲାପାଳ ସହରରେ ଛାତ ଉପର ଜଳ ଅମଳ କରିବା ପାଇଁ ଓ ପ୍ରତି ଗ୍ରାମ ପଞ୍ଚାୟତରେ ପୁଷ୍କରିଣୀମାନଙ୍କର ପୁନରୁଦ୍ଧାର ଓ ବିକାଶ ପାଇଁ ପ୍ରତିଜ୍ଞାବଦ୍ଧ ହୋଇଛନ୍ତି ।

ଯଦି କେନ୍ଦ୍ର ମନ୍ତ୍ରୀମାନଙ୍କର ଏବଂ ଗୁଜୁରାଟ ଓ ଆନ୍ଧ୍ରପ୍ରଦେଶ ସରକାରଙ୍କର ଅଙ୍ଗୀକାର ସତ୍ୟରେ ପରିଣତ ହୁଏ, ତାହାହେଲେ ଜଳ ଅମଳ ପାଇଁ ୧୫୦୦-୨୦୦୦ କୋଟି ଟଙ୍କା ଏ ଦିଗରେ ସମର୍ପିତ ହେଉଛି । ଏହା ବାସ୍ତବିକ୍ ଉତ୍ସାହ ଜନକ । ଲୋକମାନଙ୍କର ବର୍ଷାଜଳ ଅମଳକୁ ଆଗେଇ ନେଉଥିବାର ବିବରଣୀ ସମାନ ଭାବେ ଉତ୍ସାହ ଜନକ । ସ୍ଥାନୀୟ ଆନନ୍ଦବାବା ଆଶ୍ରମର ପ୍ରେରଣାରେ ପୂର୍ବତନ ରାଜ

Digitized by srujanika@gmail.com

ପରିବାରଦ୍ୱାରା ନିର୍ମିତ ବିଶାଳ ଲାଖୋଟା ହ୍ରଦରୁ ପଙ୍କ ଉଦ୍ଧାର ନିମନ୍ତେ, ଜାମନଗର ସହର ବାସୀନ୍ଦା ମାନଙ୍କଠାରୁ ଅର୍ଥ ଆଦାୟ କରିବା ପାଇଁ, ଲାଖୋଟା ଜଳ ସଞ୍ଚୟ ଅଭିଯାନ ସମିତି ନାମରେ ଏକ ସମିତି ପ୍ରତିଷ୍ଠା କରାଯାଇଛି । ଏଇ କାର୍ଯ୍ୟ ପାଇଁ ସହରର ଲୋକ ପୂର୍ଣ୍ଣ ସମର୍ଥନ ଦେଇଛନ୍ତି । ରାଜକୋଟର ସ୍ୱାମୀ ନାରାୟଣ ଗୁରୁକୁଳଙ୍କ ନେତୃତ୍ୱରେ ପ୍ରାୟ ଏପ୍ରିଲ୍ ମଧ୍ୟ ଭାଗରେ ପାଞ୍ଚ ଦିନ ଧରି ୧୫ରୁ ଅଧିକ ଗାଆଁରେ ଚେକ୍ ଡ୍ୟାମ୍‌ର ଭିତ୍ତିପ୍ରସ୍ତର ସବୁ ସ୍ଥାପନ କରାଯାଇଛି । ଅହମଦାବାଦ ସହରରେ ହିଁ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ନେତୃତ୍ୱରେ ପରିଚାଳିତ ଖାଡ଼ିଆ ଇତିହାସ ସମିତି, ପ୍ରତିଘର ପାଇଁ ଛାତ ଉପର ବର୍ଷାଜଳ ସଂଗ୍ରହ ନିମନ୍ତେ ପାରମ୍ପରିକ ରୀତିରେ ନିର୍ମିତ ଟାଙ୍କି ସମୂହର ଏକ ସର୍ବେକ୍ଷଣ ସମ୍ପନ୍ନ କରିଛି ଏବଂ ଏ ସବୁର ପୁନରୁଦ୍ଧାର ନିମନ୍ତେ ଏକ ଅଭିଯାନର ଯୋଜନା କରିଛି । 'ଇଣ୍ଡିଆ ଟୁଡେ' ମାଗାଜିନ୍‌ଙ୍କ ଦ୍ୱାରା ପ୍ରତିଷ୍ଠିତ ସଂସ୍ଥା 'କେୟାର ଟୁଡେ' ରାଜସ୍ଥାନ ଓ ଗୁଜୁରାଟରେ ଗୋଟିଏ ଲେଖାଏଁ ପାରମ୍ପରିକ ଜଳ ଅମଳ ଭଣ୍ଡାରରୁ ପଙ୍କମାଟି ଉଦ୍ଧାର ନିମନ୍ତେ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଦୁଇଟି ପ୍ରକଳ୍ପ ଚିହ୍ନଟ କରିଥିବାର ଘୋଷଣା କରିଛି । ଉଚ୍ଚତମ ନ୍ୟାୟାଳୟ ଦିଲ୍ଲୀର ଜଳାଭାବ ସମ୍ପର୍କୀୟ ଏକ କେସ୍‌ର ବିଚାର କରି ବସନ୍ତ କୁଞ୍ଜର ତୃଷାର୍ତ୍ତ ଡି. ଡି. ଏ. କଲୋନୀ ବାସିନ୍ଦାଙ୍କ ପାଇଁ ବର୍ଷାଜଳ ଅମଳ ଆରମ୍ଭ କରିବା ପାଇଁ ଦିଲ୍ଲୀ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆଦେଶ ଦେଇଛନ୍ତି ।

ଏହି ସବୁ ଉନ୍ନତିରୁ ଜଣାପଡ଼େ ଯେ ଆଗାମୀ ବର୍ଷମାନଙ୍କରେ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ, ଗୋଷ୍ଠୀ ଆଧାରିତ ବର୍ଷା ଜଳ ଅମଳ ଏକ ଉତ୍ତମ ଓ ବ୍ୟାପକ ଭାବେ ଗ୍ରହଣୀୟ ନମୁନା ହୋଇପାରେ । କିନ୍ତୁ ପ୍ରଶ୍ନ ହେଉଛି ଏସବୁ ମୁଖ୍ୟତଃ ଗ୍ରାମାଞ୍ଚଳ ପରିପ୍ରେକ୍ଷୀରେ ବିଶେଷ ଫଳପ୍ରଦ ହୋଇ ପାରିବ କି ?

୬- ସାମାଜିକ ପ୍ରକ୍ରିୟା ବିଶିଷ୍ଟ ସଂରଚନା

ଜଳ ଅମଳ ସଂରଚନା ଗୋଟିଏ ଅତି ସହଜ କାର୍ଯ୍ୟ ଅଟେ- କିଛି ଅର୍ଥ ଥିଲାବାଲା ଯେ କୌଣସି ଠିକାଦାର ଏ କାମ କରି ପାରିବ । କିନ୍ତୁ ଗ୍ରାମ୍ୟ ଗୋଷ୍ଠୀ ମଧ୍ୟରେ ଏକ ସ୍ୱୟଂ ପରିଚାଳିତ ପ୍ରକ୍ରିୟାର ସୂତ୍ରପାତ କରି ଏକ ସଂରଚନା ନିର୍ମାଣ କରିବା ଅତ୍ୟନ୍ତ କଠିନ କାର୍ଯ୍ୟ ଅଟେ । ଯେଉଁଠାରେ ଗୋଷ୍ଠୀଭାବନା ଅତ୍ୟନ୍ତ ଦୃଢ ଏବଂ ସାମୁହିକ ସହମତି ଓ ସହଯୋଗର ଇଚ୍ଛା ପ୍ରବଳ, ସେଠାରେ କେବଳ ଏହା ସମ୍ଭବପର ହୋଇପାରେ । ଜଳ ଏକ ଅଦ୍ଭୁତ ପ୍ରାକୃତିକ ସମ୍ପଦ ଏହା ଯେତେ ସହଜରେ ଗୋଷ୍ଠୀକୁ ଯୋଡ଼ିଦିଏ, ସେତେ ସହଜରେ ବିଭାଜିତ କରିଦେଇପାରେ । ତେଣୁ ପ୍ରତ୍ୟେକ ସଂରଚନା ନିର୍ମାଣ କରିବା ପୂର୍ବରୁ ଗୋଟିଏ ଦୃଢ଼ ସାମାଜିକ ପ୍ରକ୍ରିୟା, ଯାହାକୁ ଅର୍ଥନୀତିଜ୍ଞମାନେ 'ସାମାଜିକ ପୁଞ୍ଜି' ଭାବେ ଅଭିହିତ କରିଥାଆନ୍ତି, ଏକାନ୍ତ ଅପରିହାର୍ଯ୍ୟ ଅଟେ । ଇଏ, ଏକ କ୍ଷେତ୍ର, ଯେଉଁଠି ସରକାରଙ୍କର କାର୍ଯ୍ୟଧାରା ବାସ୍ତବରେ ବିଦ୍ୟମାନ ନାହିଁ ଏବଂ ସରକାରୀ ସଂସ୍ଥାନର ଅନମନୀୟ ନିୟମାବଳୀ ସାମାଜିକ ସଂଗଠନ ବିରୁଦ୍ଧରେ ଶକ୍ତିଶାଳୀ ହୋଇ ପ୍ରତିବନ୍ଧକ ସୃଷ୍ଟି କରିଥାଏ ।

Digitized by srujanika@gmail.com

ଅନ୍ୟ ଭାଷାରେ ରାଜ୍ୟ ଓ କେନ୍ଦ୍ରୀୟ ଅଧିକାରୀମାନଙ୍କର ଉପରୋକ୍ତ ବିବୃତି ସବୁ ଯେତିକି ଚିନ୍ତାର ବିଷୟ, ସେତିକି ପ୍ରଶଂସାର ବିଷୟ । ପ୍ରଥମ ବର୍ଷରୁ ଯଦି ସରକାର ଏକ ନିର୍ଦ୍ଦିଷ୍ଟ ସଂଖ୍ୟକ ଜଳ ଅମଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାର ଲକ୍ଷ୍ୟ ରଖିଛି ତାହେଲେ ଫଳାଫଳ ବିପର୍ଯ୍ୟୟମୁଖି ହେବାସହ ଅର୍ଥଶ୍ରାଦ୍ଧ ହେବା ସାର ହେବ ।

ଫଳପ୍ରଦ ଜଳ ଅମଳ କାର୍ଯ୍ୟକଳାପ ପାଇଁ ସାମାଜିକ ସଂଗଠନ ଏକ ପ୍ରାକ୍ ଆବଶ୍ୟକତା :

ଜଳ ଅମଳ କାର୍ଯ୍ୟକ୍ରମର ଅନ୍ତତଃପକ୍ଷେ ପ୍ରଥମ ଦୁଇବର୍ଷ ସାମାଜିକ ସଂଗଠନ କାର୍ଯ୍ୟରେ ଅତିବାହିତ କରିବାକୁ ହେବ । ଜଳ ଅମଳ ବାବଦରେ ଲୋକମାନଙ୍କ ମନରେ ସଚେତନତା ସୃଷ୍ଟିକରିବା ଓ ବିଶ୍ୱାସ ଜନ୍ମାଇବା ସରକାରଙ୍କର ପ୍ରଥମ କାର୍ଯ୍ୟ ହେବା ଉଚିତ୍ । ଥରେ ଏହା ହାସଲ ହୋଇଗଲାପରେ, ଲୋକଙ୍କ ସଙ୍ଗେ ବସି ଗ୍ରାମ୍ୟ ଅନୁଷ୍ଠାନ ଗଢ଼ାଯିବ, ଯେଉଁ ଅନୁଷ୍ଠାନ ଜଳ ଅମଳ ସଂରଚନା କାର୍ଯ୍ୟକରିବ, କେଉଁଠି, କେତେବେଳେ ଓ କିପରି ନିର୍ମିତ ହେବ, କିଏ ଯାକୁ ନିର୍ମାଣ କରିବ, ଏହାର ମୋଟ ନିର୍ମାଣ ମୂଲ୍ୟରୁ ଗାଆଁ ଲୋକମାନେ କେତେ ଅଂଶ ବହନ କରିବେ ଏବଂ ଥରେ ଏହା ନିର୍ମାଣ ହୋଇଗଲା ପରେ ଗ୍ରାମବାସୀମାନଙ୍କ ଭିତରେ ବିଶେଷ କରି ଜଳାଭାବ ସମୟରେ ଜଳ କେମିତି ବଣ୍ଟାଯିବ ଏବଂ ଏହାର ବ୍ୟବହାରକୁ କିପରି ନିୟନ୍ତିତ କରାଯିବ, ଏ ସବୁ ବାବଦରେ ନିଷ୍ପତ୍ତି ନିଆଯିବ । ଜମିଥିଲାବାଲାଠୁ ଆରମ୍ଭ କରି ଜମି ନଥିଲା ବାଲା, ମହିଳା, ଏହିପରି ଗୋଷ୍ଠୀର ପ୍ରତ୍ୟେକ ଲୋକଙ୍କ ସମ୍ପୃକ୍ତ କରାଯିବ ଏବଂ ଏହି ପ୍ରକଳ୍ପରୁ ଉପଲବ୍ଧ ସୁବିଧା ସୁଯୋଗ ଯେପରି ପ୍ରତ୍ୟେକଙ୍କର ପସନ୍ଦ ମୁତାବକ ହେବ ତାର ବି ବ୍ୟବସ୍ଥା ହେବ ।

କେବଳ ଜଳ ଅମଳ ପ୍ରକଳ୍ପରୁ ପ୍ରତ୍ୟେକ ଗୋଷ୍ଠୀର ସ୍ୱାର୍ଥରକ୍ଷା କରାଯାଇ ପାରିଲାଭଳି ସୁଯୋଗ ନଥିବାରୁ ଜଳ ଅମଳ ପ୍ରକଳ୍ପ ଯେତେବେଳେ ଜଳବିଭାଜିକା ବିକାଶ ଯୋଜନା ସହିତ ମିଳିତ ହୁଏ, ଏହା ଉତ୍ତମ ଭାବେ କାର୍ଯ୍ୟକରେ । ଏହା ଏ ପ୍ରକାର ସ୍ୱଭାବ ସମ୍ପନ୍ନ ସଂରଚନା, ଯେଉଁଠି ମୁଖ୍ୟତଃ ଜମି ଥିଲା ବାଲା ଲୋକମାନେ ଜମିହୀନ ଲୋକଙ୍କୁ କୌଣସି ସୁବିଧା ନଦେଇ ସବୁ ସୁବିଧା ପାଇଥାଆନ୍ତି ଏବଂ ଭୂମିହୀନ ଲୋକମାନେ ଏପରି ସୁବିଧା ସୁଯୋଗରୁ ବାଦ ପଡ଼ିଯାଆନ୍ତି । କିନ୍ତୁ ଉଭୟ ଜଳ ଓ ମାଟିର ସଂରକ୍ଷଣ ପାଇଁ ଜଳବିଭାଜିକାର ବିକାଶ, ମୃତ୍ତିକା, ଜଳ ଓ ସର୍ବସାଧାରଣ ଜାଗା ଉପରେ ପତ୍ର ଓ ଘାସ ସଂରକ୍ଷଣ ବୃଦ୍ଧି କରିଥାଏ, ଯାହା ଭୂମିହୀନ ଲୋକଙ୍କୁ ଯଥେଷ୍ଟ ସୁବିଧା ଦେଇଥାଏ, ଏବଂ ସେଇ ସଂରଚନା ଗୁଡ଼ିକର ଜୀବନ ଓ କାର୍ଯ୍ୟ କ୍ଷମତାକୁ ମଧ ବୃଦ୍ଧି କରିଥାଏ, ଏକାର୍ଯ୍ୟରୁ ଠିକାଦାରମାନଙ୍କୁ ଦୂରେଇ ରଖିବା ଏବଂ ସମସ୍ତ ମଜୁରୀ ସୁବିଧା ଭୂମିହୀନ ମାନଙ୍କୁ ଦେବା ଉଚିତ୍ ।

ଆଖି ଦେଖା କଥାକୁ ଗାଆଁ ଲୋକମାନେ ଖୁବ୍ ଶୀଘ୍ର ବିଶ୍ୱାସ କରନ୍ତି । ଗାଆଁ ଲୋକଙ୍କ ପ୍ରତ୍ୟକ୍ଷ ଅନୁଭୂତି ଅପେକ୍ଷା, ଆଉ କିଛି ପଦକ୍ଷେପ ଭଲଭାବେ କାର୍ଯ୍ୟକରେ ନାହିଁ । ଏଣୁ ଜଳ ଅମଳ କିପରି

Digitized by srujanika@gmail.com

ଲୋକମାନଙ୍କ ଜୀବନରେ ପରିବର୍ତ୍ତନ ଆଣିଛି, କେଉଁଠି ଏଭଳି କାର୍ଯ୍ୟମାନ କରାଯାଉଛି, ଏସବୁକୁ ଆଗ୍ରହୀ ଗ୍ରାମବାସୀଙ୍କୁ ସାଙ୍ଗରେ ନେଇ ଦେଖାଇବା ପାଇଁ ପାଖରେ ପାଣି ଥିବା ଗୁରୁତ୍ୱପୂର୍ଣ୍ଣ ଅଟେ । ମଧ୍ୟପ୍ରଦେଶ ରାଜୀବ ଗାନ୍ଧୀ ଜଳବିଭାଜିକା ବିକାଶ ମିଶନ ତତ୍ତ୍ୱାବଧାନରେ ଆଦିବାସୀ ଲୋକଙ୍କୁ ବ୍ରସ୍ ପୂର୍ଣ୍ଣ କରି ଝାବୁଆରୁ ରାଲେଗାଆଁ ସଦ୍ଧି ଦେଖିବା ପାଇଁ ନିଆଯାଇଥିଲା । ତରୁଣ ଭାରତ ସଂଘ ମଧ୍ୟ ନିୟମିତ ଭାବେ ପଡ଼ୋଶୀ ଅଞ୍ଚଳରେ ପାଣିଯାତ୍ରାର ଆୟୋଜନ କରେ ଯା ଫଳରେ କି, ଏ କ୍ଷେତ୍ରରେ କାମ କରିଥିବା ଗ୍ରାମବାସୀମାନେ କାମ ନ କରିଥିବା ଗ୍ରାମବାସୀମାନଙ୍କ ସହ ମୁହାଁ ମୁହିଁ କଥା ବାର୍ତ୍ତା ହୋଇଥାଆନ୍ତି । ପ୍ରଥମ କିଛି ବର୍ଷ ପ୍ରଗତି ମନ୍ଥର ହେବ । ଏହା ଉଭୟ ରାଜୀବ ଗାନ୍ଧୀ ଜଳବିଭାଜିକା ବିକାଶ ମିଶନ (RGWDM) ଏବଂ ତରୁଣ ଭାରତ ସଂଘ କ୍ଷେତ୍ରରେ ଘଟିଥିଲା । କିନ୍ତୁ ଉଭୟଙ୍କ ଅନୁଭୂତିରୁ ଜଣାପଡ଼େ ଯେ, ଥରେ ମାତ୍ର ମୁଣ୍ଡ ଭିତରେ ଧାରଣା ଆସିଲା ପରେ ଅନୁକରଣ ପ୍ରକ୍ରିୟା ଖୁବ୍ ଶୀଘ୍ର ଆରମ୍ଭ ହୋଇଯାଏ । ଆର. ଗୋପାଲ୍‌କ୍ରିଷ୍ଣନ୍, ଯିଏ କି ମଧ୍ୟପ୍ରଦେଶର ରାଜୀବ ଗାନ୍ଧୀ ଜଳବିଭାଜିକା ବିକାଶ ମିଶନର ପର୍ଯ୍ୟବେକ୍ଷଣ କରନ୍ତି, ସିଏ ଯେମିତି କହନ୍ତି, ''ପ୍ରଥମ ଦୁଇବର୍ଷ ଏହି କାର୍ଯ୍ୟକ୍ରମର ଫଳାଫଳ ଏମିତି ମନ୍ଥର ଥିଲା ଯେ ଆମେ ଠିକ୍ ବାଟରେ କାର୍ଯ୍ୟ କରୁଛୁ କି ନାହିଁ ବୋଲି ଆମେ ନିଜେ ସନ୍ଦେହରେ ପଡ଼ିଯାଇଥିଲୁ ।'' ଅନ୍ୟ ଭାଷାରେ, ସରକାର ନିଶ୍ଚିତ ଭାବରେ ଏଇଆ ଗ୍ରହଣ କରିବାକୁ ପ୍ରସ୍ତୁତ ଥିବେ ଯେ, ପ୍ରଥମ ବର୍ଷର ଉଦ୍ୟମ ଦ୍ୱାରା କିଛି ହେବ ନାହିଁ, ଦ୍ୱିତୀୟ ଏବଂ ତୃତୀୟ ବର୍ଷରେ କିଛି କିଛି ହୋଇପାରେ ଏବଂ ଚତୁର୍ଥ ଓ ପଞ୍ଚମ ବର୍ଷ ବେଳକୁ ଆଶାନୁରୂପ ବହୁତ କିଛି ହୋଇପାରେ । ଏହା ଏକ ଗତାନୁଗତିକ ପ୍ରକ୍ରିୟା । (ଦ୍ରଷ୍ଟବ୍ୟ ଗ୍ରାଫ୍ ୩ ପାରିପାର୍ଶ୍ୱିକ ଆତ୍ମନିର୍ଭରଶୀଳତାର ବୃଦ୍ଧି) ଅନ୍ୟାନ୍ୟ ବହୁତ କାରଣ ପାଇଁ, ଜଳ ଅମଳର ସଫଳତା ନିମନ୍ତେ ସାମାଜିକ ସଂଗଠନ ଅପରିହାର୍ଯ୍ୟ ଅଟେ । ଗୋଷ୍ଠୀ ଜଳ ଅମଳ ନିର୍ମାଣ କାର୍ଯ୍ୟରେ ନିବିଡ଼ ଭାବେ ସଂଶ୍ଳିଷ୍ଟ ହେବା ଆବଶ୍ୟକ, ତାହାହେଲେ ଏହା ନିଶ୍ଚିତ କରିହେବ ଯେ, ଜଳ ଅମଳ ସଂରଚନା ଗୁଡ଼ିକ କାରିଗରୀ ଦକ୍ଷତାର ସହିତ ନିର୍ମିତ ହେଉଛି ଯଥା ଠିକ୍ ସ୍ଥାନ ନିରୂପଣ, ଯାନ୍ତ୍ରିକ ରୂପରେଖ ଆଦି ଠିକ୍ ଅଛି । ଖରାପ ଢଙ୍ଗରେ ନିର୍ମିତ ହୋଇଥିବା ସଂରଚନା ଗୁଡ଼ିକ ଠିକ୍ ଜଳ ଯୋଗାଇବ ନାହିଁ ଏବଂ ସହଜରେ ଧୋଇ ହୋଇଯିବ । ଦ୍ୱିତୀୟରେ ଏପରିକି ଠିକ୍ ଢଙ୍ଗରେ ନିର୍ମିତ ହୋଇଥିବା ଜଳ ପ୍ରଦାନକାରୀ ସଂରଚନା ଗୁଡ଼ିକରେ, ଥରେ ବଢ଼ନ୍ତା ଭୂତଳ ଜଳସ୍ତର ହିସାବରେ କିମ୍ବା ପୋଖରୀର ଉଛୁଳା ପାଣି ହିସାବରେ ଜଳ ମିଳିବା ଆରମ୍ଭ ହୋଇଗଲେ, ଗୋଷ୍ଠୀ ଏଇ ମିଳୁଥିବା ଜଳକୁ ନିୟନ୍ତ୍ରଣ କରିବ, ଯେଉଁ ଜଳକି ପ୍ରଥମ ବର୍ଷ ମାନଙ୍କରେ ସବୁ ଚାଷୀଙ୍କ ଜମିରେ ବିନିଯୋଗ ହେବା ପାଇଁ ଯଥେଷ୍ଟ ନ ହୋଇପାରେ । ଏହି ବର୍ଷମାନଙ୍କରେ ଚାଷୀମାନଙ୍କୁ ସେମାନଙ୍କ ଭିତରେ ଜଳ ବାଣ୍ଟିକୁଣ୍ଟି ନେବାକୁ ହେବ ଏବଂ କମ୍ ଜଳ ଆବଶ୍ୟକ କରୁଥିବା ଶସ୍ୟ ପାଇଁ ସେ ଜଳକୁ ବିନିଯୋଗ କରିବାକୁ ହେବ । ଏହା ଘଟିବ, ଯଦି ଜଳ ଅମଳ ସଂରଚନା ସାଙ୍ଗରେ ଗୋଷ୍ଠୀ ପ୍ରକ୍ରିୟା ମିଶି କରି ରହେ । ନୋହିଲେ ମୁଷ୍ଟିମେୟ ଲୋକ ଅବଶିଷ୍ଟ ଲୋକଙ୍କୁ ବଞ୍ଚିତ କରି ସବୁ ଜଳ

Digitized by srujanika@gmail.com

ଗ୍ରାସ କରିନେବେ । (ଗ୍ରାଫ ୩ : ପାରିପାର୍ଶ୍ୱିକ ଆତ୍ମନିର୍ଭରଶୀଳତାର ବୃଦ୍ଧି ପ୍ରଥମ ତିନି ବର୍ଷ ତରୁଣ ଭାରତ ସଂଘର ଜଳ ଅମଳ କାର୍ଯ୍ୟକ୍ରମରେ ଅଳ୍ପ କିଛି ଗାଆଁ ସମ୍ପୃକ୍ତ ହେଲେ । ସମୟର ଗତି ପଥରେ ଯାହା ହେଉନା କାହିଁକି ଗାଆଁ ସଂଖ୍ୟା ଶୀଘ୍ର ବଢ଼ିବାକୁ ଲାଗିଲା, ଯେମିତି ଲୋକମାନଙ୍କର ଏ କାର୍ଯ୍ୟକ୍ରମରେ ବିଶ୍ୱାସ ଜନ୍ମିଲା ଏବଂ ସେମାନେ ତାଙ୍କର ଉଦ୍ୟମର ସୁଫଳ ଦେଖିପାରିଲେ ।)



ଆଧାର ତରୁଣ ଭାରତ ସଂଘ, ଅଲୱାର୍

▲	ଭାରତୀୟ ପରିପ୍ରେକ୍ଷୀରେ, ଯେହେତୁ ଅଧିକାଂଶ ଚାଷ ଜମି ବର୍ଷା ଉପରେ ନିର୍ଭରଶୀଳ, ଖାଦ୍ୟ ନିରାପତ୍ତାକୁ ସୁଦୃଢ଼ କରିବା ପାଇଁ ବର୍ଷା ଜଳ ଅମଳ ଅପରିହାର୍ଯ୍ୟ ଅଟେ ।

ଭାରତୀୟ ଇଜମେଣ୍ଟ ଆଇନ୍ ଭଳି ପୁରୁଣା ବ୍ରିଟିଶ୍ ଅମଳର ଆଇନ୍, ଯାହା ଲୋକମାନଙ୍କୁ ଜଳ ପରିଚାଳନାରେ ଅଂଶ ଗ୍ରହଣ କରିବା ପାଇଁ ବାଧା ସୃଷ୍ଟି କରିଥାଏ, ସରକାରଙ୍କୁ ସେ ଆଇନକୁ ମଧ୍ୟ ସମୀକ୍ଷା ଓ ସଂଶୋଧନ କରିବାକୁ ହେବ । ପଟଓ୍ୱା, ଠାକୁର, ଚନ୍ଦ୍ରବାବୁ ନାଇଡୁ ଏବଂ ଅନ୍ୟମାନଙ୍କୁ, ନିଶ୍ଚିତ କରିବାକୁ ହେବ ଯେ କଠୋର ସଂସ୍କୃତି ଓ ଅନମନୀୟ ସରକାରୀ ଆଇନ୍ ସାମାଜିକ ସଂଗଠନ କାର୍ଯ୍ୟ କ୍ଷେତ୍ରରେ ଅନୁକୁଳ ହେଲା ଭଳି ପରିବର୍ତ୍ତିତ ହେଉଛି । ଏବଂ ଯେହେତୁ ସରକାରୀ ଅଧିକାରୀମାନେ ସମାଜ ସେବୀ ନୁହଁନ୍ତି, ଏସବୁ ଘଟିବ, କେବଳ ଯଦି ସେମାନେ ବେସରକାରୀ ସଂଗଠନମାନଙ୍କୁ ଏ ପ୍ରକାର କାର୍ଯ୍ୟକ୍ରମସବୁକୁ ଏକ କାର୍ଯ୍ୟଧାରା ସହ ହସ୍ତାନ୍ତର କରି ଦିଅନ୍ତି, ଆଉ ଫଳାଫଳ ମିଳିବାକୁ ସେମାନେ ଧୈର୍ଯ୍ୟର ସହ ଅପେକ୍ଷା କରନ୍ତି । କିନ୍ତୁ, ଯଦି ସେମାନେ ଏକ ସରକାରୀ କାର୍ଯ୍ୟକ୍ରମ ଚାହାଁନ୍ତି, ତଥାପି ଏହା କରାଯାଇ ପାରିବ, କିନ୍ତୁ ଏହାପରେ ସେମାନଙ୍କୁ ନିଜକୁ ଠିକ୍ ସ୍ଥାନରେ ଠିକ୍ ଲୋକ ରଖି କାର୍ଯ୍ୟ ନିର୍ବାହର ପର୍ଯ୍ୟବେକ୍ଷଣ କରିବାକୁ ହେବ । ରାଜସ୍ୱ, ମୃତ୍ତିକା ସଂରକ୍ଷଣ, ଜଳସେଚନ, ଜଙ୍ଗଲ ଏବଂ କୃଷି ଏହି ବିଭାଗ ଗୁଡ଼ିକ ମଧ୍ୟରେ ଆନ୍ତ ବିଭାଗୀୟ ସମନ୍ୱୟ ଜଳ ଅମଳ ଓ ଜଳବିଭାଜିକା ବିକାଶ କାର୍ଯ୍ୟକ୍ରମର ସଫଳତା ପାଇଁ ଅପରିହାର୍ଯ୍ୟ ଅଟେ । ମଧ୍ୟ ପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା RGWDMର

Digitized by srujanika@gmail.com

ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏହାର ସଫଳତାର ଏକ ପ୍ରମୁଖ ଉପାଦାନ ଥିଲା । ଏହା ଆଶ୍ଚର୍ଯ୍ୟ ଜନକ ନୁହେଁ ଯେ, ଏ ବର୍ଷର ମରୁଡ଼ି ସତ୍ତ୍ୱେ ପଶ୍ଚିମ ମଧ୍ୟପ୍ରଦେଶ ବାବଦରେ ଖବର କାଗଜ ବିବରଣୀ କମ୍ ଥିଲା । ନୋହିଲେ ପ୍ରଚୁର ଇଟା, ମାଟି ଏବଂ ବାଲି ସିମେଣ୍ଟ ନଷ୍ଟ ହୋଇ ଥାଆନ୍ତା ଏବଂ ଲୋକମାନେ ଏଥିରୁ ଅନ୍ତର ହୋଇଯାଇ ଥାଆନ୍ତେ ଏବଂ ଜଳ ଅମଳର ବଦ୍‌ନାମ ହୋଇଥାଆନ୍ତା । ଖବର କାଗଜମାନେ ବିବରଣୀରେ ଦର୍ଶାଇ ସାରିଲେଣି ଯେ ଗୁଜୁରାଟ ସରକାରଙ୍କ ପୃଷ୍ଠପୋଷକତାରେ ନିର୍ମିତ ଚେକ୍ ଡ୍ୟାମ୍‌ରେ ଯଥେଷ୍ଟ ଦୁର୍ନୀତି ହୋଇଛି । ଲୋକଙ୍କ ପାଇଁ ହେଉଥିବା 'ଜଳ ଅମଳ ପ୍ରକଳ୍ପ' ଯେପରି ଠାଉଟର ମାନଙ୍କର 'ଅର୍ଥ ଅମଳ ପ୍ରକଳ୍ପ'ରେ ପରିଣତ ନହୁଏ ସେଥି ପ୍ରତି ଆମକୁ ତୀକ୍ଷ୍ଣ ଦୃଷ୍ଟି ଦେବାକୁ ପଡ଼ିବ ।

୭- ଅଚଳ, ଅବ୍ୟବହୃତ ବ୍ୟବସ୍ଥାର ପୁନରୁଦ୍ଧାର

ନୂଆ ଜଳ ଅମଳ ସଂରଚନା ନିର୍ମାଣ କରିବା ଯଥେଷ୍ଟ ନୁହେଁ । ବିପୁଳ ସମ୍ପଦ ଯାହା ଆଗରୁ ଅଛି, କିନ୍ତୁ ଏବେ ଅଚଳ ହୋଇଯାଇଛି, ତାର ପୁନରୁଦ୍ଧାର ନିମନ୍ତେ ନିଶ୍ଚିତ ଭାବେ ଉଦ୍ୟମ କରିବାକୁ ହେବ । ସରକାରୀ ହିସାବ ଅନୁସାରେ ୧୯୮୬-୮୭ରେ ଭାରତରେ ୧୫.୧୩ ଲକ୍ଷ ଜଳ ଭଣ୍ଡାରଥିଲା- ଯାହାର ଶତକଡ଼ା ୯୫ ଭାଗ ଆଠଟି ରାଜ୍ୟରେ ଯଥା, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, କେରଳ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ତାମିଲ୍‌ନାଡୁ, ଉତ୍ତର ପ୍ରଦେଶ ଓ ପଶ୍ଚିମବଙ୍ଗରେ ଥିଲା । କିନ୍ତୁ ମାଟି ପୋତି ହୋଇଯିବା ଓ ନିକୃଷ୍ଟ ମାନର ରକ୍ଷଣା ବେକ୍ଷଣ ହେତୁ, ଏହା ଦ୍ୱାରା ଜଳ ସେଚିତ ହେଉଥିବା ମୋଟ ଜମି ୧୯୬୨-୬୩ ମସିହାରେ ୪.୭୮ ନିୟୁତ ହେକ୍ଟର ଥିଲାବେଳେ ୧୯୮୫-୮୬ ମସିହାରେ ତାହା ୩.୦୭ ନିୟୁତ ହେକ୍ଟରକୁ ଖସି ଆସିଛି, ଯଦିଓ ଏହି ସମୟରେ ଅନେକ ନୂଆ ଜଳ ଭଣ୍ଡାର ନିର୍ମିତ ହୋଇଛି । ଏହା ୫, ୦୦୦ କୋଟି ଟଙ୍କାର ପୁଞ୍ଜି କ୍ଷତି କରିଛି । ଏଣୁ ଏଇ ସଂରଚନା ଗୁଡ଼ିକର ପୁନରୁଦ୍ଧାର କରାଯାଇ ପୂର୍ବଭଳି ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଇବାର ଆବଶ୍ୟକତା ଦେଖାଦେଇଛି ।

୮- ବର୍ଷା ଜଳ ଅମଳ ଗ୍ରାମାଞ୍ଚଳ ଦାରିଦ୍ର୍ୟକୁ ଦୂର କରି ପାରିବ :

ଯଦି ଜଳ ଅମଳ ଓ ଜଳ ବିଭାଜିକା ବିକାଶ କାର୍ଯ୍ୟକ୍ରମ ସବୁକୁ ଠିକ୍ ଭାବେ ପରିଚାଳନା କରାଯାଏ, ଅଲଓ୍ୱାର ଜିଲାର ସୁଖୋମାଜେରି, ମହାରାଷ୍ଟ୍ରର ରାଲେ ଗାଁ ସିଦ୍ଧି ଏବଂ ଅନେକ ଗାଆଁର ଅନୁଭୂତି ଯାହା ସ୍ୱଷ୍ଟ ଦର୍ଶାଇଛି, ବର୍ଷାଜଳ ଅମଳ କେବଳ ପାନୀୟ ଜଳ ଚାହିଦା ପୂରଣର ଅଗ୍ରମାରମ୍ଭ ନୁହେଁ, କିନ୍ତୁ ଗ୍ରାମାଞ୍ଚଳ ଦାରିଦ୍ର୍ୟ ଦୂରୀକରଣ ଉଦ୍ୟମ, ବହୁଳ ଗ୍ରାମାଞ୍ଚଳ କର୍ମ ନିଯୁକ୍ତି ସୃଷ୍ଟି କରିବାର ଏବଂ ହତୋତ୍ସାହିତ ହୋଇ ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ ପଳାୟନ କରିବା ପ୍ରକ୍ରିୟାର ହ୍ରାସ କରିବାର ଅଗ୍ରମାରମ୍ଭ ଅଟେ । ଅଧିକ ଏବଂ ନିଶ୍ଚିତ ଜଳ ମିଳିବା ଅର୍ଥ, ଅଧିକ ଏବଂ ସ୍ଥାୟୀ କୃଷି ଉତ୍ପାଦନ ଏବଂ ଉନ୍ନତ ପଶୁପାଳନ- ଯେଉଁ ଦୁଇଟି ଏକତ୍ର ମିଳି ଗ୍ରାମ୍ୟ ଅର୍ଥନୀତିର ଅବଲମ୍ବନ ହୋଇଥାଆନ୍ତି । ବର୍ଷାଜଳ ଅମଳ, ୧୯୭୦ ଦଶକରେ ଦେଶର ସବୁଠୁ ସମ୍ବଳହୀନ ଗାଆଁ ମାନଙ୍କ ମଧ୍ୟରୁ ଅନ୍ୟତମ ଗାଁ ରାଲେ ଗାଁ

Digitized by srujanika@gmail.com

ସିଦ୍ଧିକୁ ଆଜି ଏକ ସବୁଠୁ ଧନଶାଳୀ ଗାଆଁରେ ପରିବର୍ତ୍ତିତ ହେବା ପାଇଁ ସାହାଯ୍ୟ କରିଛି । ସମସ୍ତ ଗାଆଁମାନଙ୍କରେ ଯେଉଁ ଗାଆଁଗୁଡ଼ିକ ସେମାନଙ୍କର ପ୍ରାକୃତିକ ସମ୍ବଳର ଉତ୍ତମ ବିନିଯୋଗବଳରେ ସେମାନଙ୍କର ସ୍ଥାନୀୟ ଅର୍ଥନୀତିକୁ ପୁନର୍ବିନ୍ୟାସ କରିଛନ୍ତି, ସେଠି ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ ଅସହାୟ ଅବସ୍ଥାରେ ପଳାୟନ ହ୍ରାସ ପାଇଛି କିମ୍ବା ସମ୍ପୂର୍ଣ୍ଣ ଦୂର ହୋଇପାରିଛି ।

ଗୋଷ୍ଠୀ ଆଧାରିତ ବର୍ଷା ଜଳ ଅମଳର ଆଉ ଗୋଟିଏ ଆଗ୍ରହଜନକ ଦିଗ ହେଉଛି ଯେ, ଗାଆଁ ଭିତରେ ଏକ ଗୋଷ୍ଠୀ ଚେତନା ସୃଷ୍ଟି କରିବାରେ ଏହା ସହାୟକ ହୁଏ - ଯାହା ସମଗ୍ର ଦେଶରେ ଲୁପ୍ତ ହେବାକୁ ବସିଛି ଏବଂ ଯାହା ଅର୍ଥନୀତିଜ୍ଞଙ୍କ ଭାଷାରେ "ସାମାଜିକ ପୁଞ୍ଜି" ତିଆରି କରେ । ପ୍ରକୃତରେ ଆମେ ଯଦି "ପଞ୍ଚାୟତି ରାଜ" ବ୍ୟବସ୍ଥା କାର୍ଯ୍ୟକାରୀ ହେଉ ବୋଲି ଯୁକ୍ତି କରୁଥାଉ, ତାହାହେଲେ ପଞ୍ଚାୟତ ଗୁଡ଼ିକୁ ପ୍ରଥମେ ଜଳ ଅମଳ କାର୍ଯ୍ୟ ହାତକୁ ନେବା ପାଇଁ କୁହାଯାଉ - "ହର ଗାଓଁକା ଅପ୍ନା ତଲାବ" (ପ୍ରତି ଗାଆଁରେ ନିଜର ଗୋଟିଏ ପୋଖରୀ) ।

ଯୋଜନାଟି ଏତେ ମାତ୍ରାରେ ଜନକଲ୍ୟାଣକାରୀ ଏବଂ ରାଷ୍ଟ୍ର କଲ୍ୟାଣକାରୀ ହୋଇ ମଧ୍ୟ ସରକାରଙ୍କ ଦ୍ୱାରା କାହିଁକି ଗ୍ରହଣୀୟ ହେଉନାହିଁ ଏବଂ ଦେଶର ସବୁଆଡ଼େ ଏହାର ପ୍ରସାର କାହିଁକି ହେଉନାହିଁ ? ରାଷ୍ଟ୍ରପତି କେ. ଆର୍. ନାରାୟଣ ଗତ ସାଧାରଣତନ୍ତ୍ର ଦିବସରେ ଜାତିକୁ ଦେଇଥିବା ତାଙ୍କର ଉଦ୍‌ବୋଧନରେ ଜଳ ଅମଳ ପାଇଁ ଏକ ଜାତୀୟ ଆନ୍ଦୋଳନର ଡାକରା ଦେଇଛନ୍ତି ।

▲ **ରାଜନୈତିକ ବିଜ୍ଞତା ଏବଂ ଗୋଷ୍ଠୀ ଉତ୍ତର ଦାୟିତ୍ୱ ସମେତ ପାରଙ୍ଗମ ଜଳଅମଳ କାର୍ଯ୍ୟକ୍ରମ ହିଁ ଗ୍ରାମାଞ୍ଚଳ ଦାରିଦ୍ର୍ୟର ସମାଧାନ କରିପାରିବ ।**

ସମସ୍ୟାଟି ପ୍ରକୃତରେ ମନ ଭିତରେ ବସା ବାନ୍ଧି ନେଇଛି । ବର୍ଷାଜଳ ଅମଳ ନିଜର ପରିଚାଳନା ପାଇଁ ଏକ ନୂତନ ମୋଡ଼ ଦାବୀ କରେ - ଉପରୁ ତଳକୁ ଅମଲାତାନ୍ତ୍ରିକ ପରିଚାଳନା ଅପେକ୍ଷା, ଏକ ସହଭାଗୀ ପରିଚାଳନା ପଦ୍ଧତି । ଦୁର୍ଭାଗ୍ୟବଶତଃ ଆମର ରାଜନେତାମାନେ ସରକାରଙ୍କ ଉପରେ ନିର୍ଭର କରିବାର ଏକ ସଂସ୍କୃତି ସୃଷ୍ଟି କରିଛନ୍ତି ଏବଂ ଯେତେ ଫମ୍ପା ହେଉ ପଛକେ, ଶପଥ କରିବାକୁ ଭଲ ପାଆନ୍ତି ଯେ, ସେମାନେ ଲୋକମାନଙ୍କୁ ସରକାରୀ ଅର୍ଥ ବିତରଣ ଜରିଆରେ ସବୁ କିଛି ଯୋଗାଇଦେବେ । ଜଳ ଅମଲାତନ୍ତ୍ର ମଧ୍ୟ ଏଭଳି ଏକ ବିଚିତ୍ର ମାନସିକତାର ଶିକାର ହୋଇଛି । ହୁଏତ ସେଇଥିପାଇଁ ସରକାର, ଜଳଯୋଗାଣ ବ୍ୟବସ୍ଥାର ଦାୟିତ୍ୱ ଲୋକଙ୍କୁ ନ ଦେଇ ଓ ଲୋକମାନେ ନିଜେ ନିଜର ଜଳ ଯୋଗାଣ ବ୍ୟବସ୍ଥା କରିବା ନିମନ୍ତେ ସେମାନଙ୍କୁ କ୍ଷମତାଶାଳୀ କରିବା ପରିବର୍ତ୍ତେ, ସବୁ ସେବା ଯୋଗାଇଦେବାର ସଂସ୍କୃତି ସୃଷ୍ଟି କରିଛନ୍ତି ଏବଂ ଅଧ୍ୟାବଧି ଏହା ବଡ଼ ବନ୍ଧ, ପମ୍ପ, ପାଇପ୍ ଓ ବୋରିଂ କୂଅ ନମୁନା ଭିତରେ ସୀମିତ । ଜଳ ସମ୍ପଦ ମନ୍ତ୍ରୀ ସି. ପି. ଠାକୁର, ଆଜି ବର୍ଷା ଜଳ ଅମଳର ପ୍ରାଧାନ୍ୟକୁ ମୁକ୍ତ କଣ୍ଠରେ ସ୍ୱୀକାର କରୁଥିବାବେଳେ କେଉଁ ଏକ ଅଜଣା ଚାପର ଶିକାର ହୋଇ ଏହାକୁ ବାସ୍ତବିକତାରେ

Digitized by srujanika@gmail.com

ରୂପାୟିତ କରିପାରୁନାହାନ୍ତି । ଉଦାହାରଣ ସ୍ୱରୂପ, ଏହି ନିକଟରେ ହେଗ୍‌ଠାରେ ଅନୁଷ୍ଠିତ ବିଶ୍ୱ ଜଳ ଆଲୋଚନାଚକ୍ରରେ ସେ ଏବଂ ସମସ୍ତ ଭାରତୀୟ ପ୍ରତିନିଧି ବଡ଼ ବନ୍ଧ ସପକ୍ଷରେ କହିବା ବ୍ୟତୀତ ଆଉ କିଛି କରିପାରିଲେ ନାହିଁ । ଆମେ ଏଠି କ୍ଷୁଦ୍ର ବନାମ ବଡ଼ ବନ୍ଧ ତର୍କର ଉପକାରିତା ଭିତରେ ମୁଣ୍ଡ ପୁରାଉନାହୁଁ । କେତେକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ବୃହଦାକାର ବନ୍ଧର ଆବଶ୍ୟକତା ରହିଛି- କିନ୍ତୁ ନିଃସନ୍ଦେହରେ କୁହାଯାଇପାରେ ଯେ ଏହି କ୍ଷୁଦ୍ର ଜଳ ଅମଳ ପ୍ରକଳ୍ପର ଏକ ଅତ୍ୟଧିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, ଏବଂ ଏହା ସମ୍ପୂର୍ଣ୍ଣ ରୂପେ ଅବହେଳିତ ଅବସ୍ଥାରେ ଅଛି । ବଡ଼ ଆଉ କ୍ଷୁଦ୍ର ମଧ୍ୟରେ ଭାରସାମ୍ୟ ରକ୍ଷା କରିବା ଅପରିହାର୍ଯ୍ୟ ।

ତଥାପି ଏହି ଅଳ୍ପ କେତେ ବର୍ଷ ହେଲା ବିଶେଷ କରି ବିଜ୍ଞାନ ଓ ପରିବେଶ କେନ୍ଦ୍ର ଦ୍ୱାରା 'ଡାଇଙ୍ଗ ଉଇସ୍‌ଡମ୍' ପ୍ରକାଶିତ ହେଲାଦିନୁ ଦେଶର ବର୍ଷାଜଳ ଅମଳ ପରମ୍ପରାର ପ୍ରାସଙ୍ଗିକତାକୁ ନେଇ ଜନ ସାଧାରଣଙ୍କ କଥୋପକଥନରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି । ଏଥିରେ ୧୯୯୭ରେ ଭାରତୀୟ ପାରମ୍ପରିକ ଜଳ ଅମଳ ବ୍ୟବସ୍ଥାର ଉତଥାନ, ପତନ ଏବଂ ସମ୍ଭାବନା ଶୀର୍ଷକ ପର୍ଯ୍ୟାଲୋଚନା ଦେଶର ବିଭିନ୍ନ ଭାଗରେ, ଏପରିକି ପ୍ରତିକୂଳ ପରିବେଶ ସତ୍ତ୍ୱେ ଆମର ପାରମ୍ପରିକ ଜଳ ଅମଳ ପଦ୍ଧତି କିପରି କାମ କରୁଛି ତାହାର ଏକ ବିଶଦ ବିବରଣୀ ପ୍ରଦାନ କରାଯାଇଅଛି । ନିକଟ ଅତୀତରେ କେନ୍ଦ୍ର ଓ ରାଜ୍ୟ ମନ୍ତ୍ରୀମାନେ ଦେଇଥିବା ବିବୃତିମାନ ଉତ୍ସାହଜନକ ଅଟେ, କିନ୍ତୁ ସରକାର ତାଠାରୁ ଆହୁରି ଅଧିକ କିଛି କରିବାର ଆବଶ୍ୟକତା ରହିଅଛି । ସରକାର ରାଷ୍ଟ୍ରପତିଙ୍କ ପରାମର୍ଶ ପ୍ରତି ମନୋନିବେଶ କରିବା ଉଚିତ ଏବଂ ଜଳ ଅମଳ କ୍ଷେତ୍ରରେ ଏକ ଗଣ ଆନ୍ଦୋଳନ ସୃଷ୍ଟି କରିବାପାଇଁ ଏକ ଠୋସ୍ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବା ଉଚିତ ହେବ ।

ଟିପ୍ପଣୀ : ଯଦି କୌଣସି ଲୋକସଭା କିମ୍ବା ବିଧାନସଭା ସଦସ୍ୟ ଏହି ବିଷୟ ଉପରେ ଅଧିକ ଜାଣିବା ପାଇଁ ଆଗ୍ରହୀ, ଦୟାକରି ଇନ୍ଦିରା ଖୁରାନା, ଯିଏ କି ବିଜ୍ଞାନ ଓ ପରିବେଶ କେନ୍ଦ୍ର ତରଫରୁ ***'ଜଳକୁ ପ୍ରତ୍ୟେକ ବ୍ୟକ୍ତିର ଦାୟିତ୍ୱ ପରିସରଭୁକ୍ତ କରିବା ଅଭିଯାନ'*** *ର ସଂଯୋଜିକା ଅଛନ୍ତି, ତାଙ୍କ ସହିତ ଯୋଗାଯୋଗ କରିବାପାଇଁ କୁଣ୍ଠାବୋଧ କରିବେ ନାହିଁ ।*

●●●

Digitized by srujanika@gmail.com

ଜଳର ପ୍ରାଚୁର୍ଯ୍ୟ-ଜଳ ସେଚନରର ଅଭାବ

* * * * *

ଓଡ଼ିଶାରେ ଜଳର ଅଭାବ ନାହିଁ । ବାର୍ଷିକ ବୃଷ୍ଟିପାତ ଆଶାଜନକ । ଅବଶ୍ୟ ଜଙ୍ଗଲକଟା ବଢ଼ିଥିବା ଯୋଗୁଁ ଏହି ମାତ୍ରା ହ୍ରାସ ପାଇଛି । ତେବେ ବି ଏହା ଭାରତବର୍ଷର ଏକ ଅଧିକ ବୃଷ୍ଟିପାତ ଅଞ୍ଚଳ । ଓଡ଼ିଶାରେ ଅନେକ ବଡ଼ ନଦୀ ପ୍ରବାହିତ ହୋଇଛନ୍ତି । ମହାନଦୀ, ବ୍ରାହ୍ମଣୀ, ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ ଓ ଋଷିକୁଲ୍ୟାରେ ପ୍ରାୟ ପ୍ରତି ବର୍ଷ ବନ୍ୟା ଆସେ । ଏହା ସତ୍ତ୍ୱେ ମଧ୍ୟ ଓଡ଼ିଶାର ଅନେକ ଅଞ୍ଚଳରେ ମରୁଡ଼ିଯୋଗୁଁ ହାହାକାର ପରିସ୍ଥିତି ସୃଷ୍ଟି ହୁଏ । ରିଜର୍ଭ ବ୍ୟାଙ୍କ୍ ରିପୋର୍ଟ ଅନୁସାରେ ଓଡ଼ିଶାର ଭୂତଳରେ ଥିବା ଜଳର ମାତ୍ର ୦.୫% ଏପର୍ଯ୍ୟନ୍ତ ଜଳସେଚନରେ ବ୍ୟବହାର କରାଯାଇ ପାରିଛି । ଅଥଚ ପଞ୍ଜାବରେ ୮୫% ଭୂତଳ ଜଳ କୃଷିକାର୍ଯ୍ୟରେ ବ୍ୟବହୃତ ହେଉଛି । କେନ୍ଦ୍ରୀୟ ଭୂତଳଜଳ ବୋର୍ଡଙ୍କ ସର୍ଭେ ଅନିସାରେ ଓଡ଼ିଶାରେ ୨୩୩୦ କୋଟି ଘନମିଟର ପାଣି ଭୂମିତଳେ ରହିଛି । ଏହାର ପରିମାଣ ଅନ୍ୟାନ୍ୟ ଅନେକ ରାଜ୍ୟ ତୁଳନାରେ ଯଥେଷ୍ଟ ବେଶୀ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏଥିରୁ ବହୁତ କମ ଜଳ ଚାଷ ପାଇଁ ବ୍ୟବହାର କରାଯାଇଛି । ଏହାର ମୂଳ କାରଣ ହେଲା ଉଠାଜଳସେଚନ ବ୍ୟବସ୍ଥାର ଅଭାବ । ପଞ୍ଜାବରେ ବିଜୁଳିଶକ୍ତି ଖଟାଇ ବା ଡ଼ିଜେଲ୍ ବ୍ୟବହାର କରି ପମ୍ପଦ୍ୱାରା ମାଟିତଳୁ ପାଣି ଉଠାଇ ଏହି ଜଳସମ୍ପଦର ସଦ୍‌ବ୍ୟବହାର କରାଯାଉଛି । ତେଣୁ ବିଜୁଳି ଉତ୍ପାଦନ ଉପରେ ଉଠାଜଳସେଚନ ବ୍ୟବ ସ୍ଥା ବହୁତ ନିର୍ଭର କରେ । ତା' ସଙ୍ଗେ ସଙ୍ଗେ ଭାକ୍ରା ଜଳଭଣ୍ଡାରରୁ କେନାଲ ଦ୍ୱାରା ଜଳସେଚନ ବ୍ୟବସ୍ଥା ପଞ୍ଜାବକୁ ବହୁତ ସାହାଯ୍ୟ କରିଛି । ଓଡ଼ିଶାର ହୀରାକୁଦ ଏବଂ ଅନ୍ୟାନ୍ୟ ଜଳଭଣ୍ଡାରକୁ ହିସାବକୁ ନେଲେ ମଧ୍ୟ ସର୍ବମୋଟ ଜଳସେଚିତ ଚାଷଜମି ୧୯୮୬-୮୭ରେ ୨୨.୫% ହୋଇଥିଲା ବେଳେ ପଞ୍ଜାବରେ ୯୧.୩% ଚାଷଜମି ଜଳସେଚିତ ହୋଇଥିଲା ।

* * * * *

ଆମ ମତରେ କ୍ଷୁଦ୍ର ଜଳଯୋଜନା ଶ୍ରେୟସ୍କର । ତା' ଫଳରେ ପରିବଶେ ନିରାପଦ ରହିବ, ଲୋକେ ବାସଚ୍ୟୁତ ହେବେ ନାହିଁ ଏବଂ ବୃହତ୍ ଜଳଭଣ୍ଡାର ଜନିତ ବିପଦର ଆଶଙ୍କା କମିଯିବ । ତେବେ ବର୍ତ୍ତମାନ ଜଳସେଚନର ଯେଉଁ ଅଭାବ ରହିଛି ସେଥିପାଇଁ ଓଡ଼ିଶାରେ ସବୁଜ ବିପ୍ଳବ ତ ଦୂରର କଥା କୃଷି ବିକାଶ ଗତିଶୀଳ ହୋଇ ପାରିନାହିଁ ।

* * * * *

(ପ୍ରଫେସର ମନୋରଂଜନ ମହାନ୍ତି ଓ ଡ. ବିଜୟ ବହିଦାରଙ୍କ ପ୍ରଣୀତ ପୁସ୍ତକ 'ଓଡ଼ିଶା ଦରିଦ୍ର କାହିଁକି'ରୁ ଉଦ୍ଧୃତ)

Digitized by srujanika@gmail.com

ଗାନ୍ଧି ବିଚାର ଓ ସହଭାଗୀ ବିକାଶ ଅଭିଯାନଙ୍କ ଦ୍ୱାରା ପ୍ରକାଶିତ କେତେକ ଉପାଦେୟ ପୁସ୍ତକ

ପୁସ୍ତକର ନାମ	ଲେଖକ/ସଙ୍କଳକ	ସହଯୋଗ ରାଶି
୧. ପଲ୍ଲୀସଭା ଓ ଗ୍ରାମସଭାର ଦାୟିତ୍ୱ	ଜଗଦୀଶ ପ୍ରଧାନ	ଟ. ୧୦.୦୦
୨. ପଞ୍ଚାୟତିରାଜ ଓ ଯୁବ ସମାଜର ଦାୟିତ୍ୱ	ଜଗଦୀଶ ପ୍ରଧାନ	ଟ. ୧୦.୦୦
୩. ଆମେ ବାଟ ହୁଡ଼ିଲୁ କେଉଁଠି	ଜଗଦୀଶ ପ୍ରଧାନ	ଟ. ୧୦.୦୦
୪. ଆମ ଗାଁରେ ଆମ ସରକାର	ଡଃ ବ୍ରହ୍ମଦେବ ଶର୍ମା	ଟ. ୧୦.୦୦
୫. କାମ କରିବାର ଅଧିକାର	ଡଃ ବ୍ରହ୍ମଦେବ ଶର୍ମା	ଟ. ୧୦୦୦
୬. ଗାଁର ବିଭାଜନ ଓ କୃଷକର ସର୍ବନାଶ	ଡଃ ବ୍ରହ୍ମଦେବ ଶର୍ମା	ଟ. ୧୦.୦୦
୭. ଓଡ଼ିଶାରେ କୃଷକ ଓ କୃଷି ଶ୍ରମିକଙ୍କ ଅସଲ ସମସ୍ୟା	ଜଗଦୀଶ ପ୍ରଧାନ	ଟ. ୩.୦୦
୮. ଆୟୋଡିନଯୁକ୍ତ ଲୁଣ (କେତୋଟି ଭ୍ରାନ୍ତଧାରଣା ଓ ଅସଲକଥା)	ଆର.ପି.ରବିନ୍ଦ୍ର	ଟ. ୧୦.୦୦
୯. ବାସଚ୍ୟୁତଙ୍କ ଦୁର୍ଦ୍ଦଶା	ମହମ୍ମଦ ଅସୀଫ ୱାଲଟର ଫର୍ଣ୍ଣାଣ୍ଡେସ୍	ଟ. ୧୦.୦୦
୧୦. ଆମ ଓଡ଼ିଶା ଓ ଟାଟାର ଶୋଷଣ	ପ୍ରଦ୍ୟୁମ୍ନ ବଳ	ଟ. ୧୦.୦୦
୧୧. ଆମ ଓଡ଼ିଶା ଓ ଆଲୁମିନା ପ୍ରକଳ୍ପ	ଜଗଦୀଶ ପ୍ରଧାନ	ଟ. ୧୦.୦୦
୧୨. ଜୈବିକ ସାର	ଜଗଦୀଶ ପ୍ରଧାନ	ଟ. ୧୦.୦୦
୧୩. ଓଡ଼ିଶାରେ ଜଳକର ବୃଦ୍ଧି ଓ ଚାଷୀ ମାରଣ	ଜଗଦୀଶ ପ୍ରଧାନ	ଟ. ୩.୦୦
୧୪. ଗଛ ଲଗାଇବା ପ୍ରଣାଳୀ	ଜଗଦୀଶ ପ୍ରଧାନ	ଟ. ୧୦.୦୦
୧୫. ଛୋଟ ଛୋଟ ଜଳଯୋଜନା ହେଉ...	ଜଗଦୀଶ ପ୍ରଧାନ	ଟ. ୫.୦୦
୧୬. ଦୀର୍ଘମିଆଦି କ୍ରିୟାନୁଷ୍ଠାନ ଯୋଜନା ବା କେ.ବି.କେ ଯୋଜନା (କେତୋଟି ଜାଣିବା କଥା)	ଜଗଦୀଶ ପ୍ରଧାନ	ଟ. ୧୦.୦୦
୧୭. ମରୁଡ଼ି ? ବର୍ଷାଜଳକୁ ଧରି ରଖିବାକୁ ଚେଷ୍ଟା କରନ୍ତୁ	ଡ. ଅନୀଲ ଅଗ୍ରୱାଲ	ଟ. ୧୫.୦୦
୧୮. ମାଟି ଓ ପାଣିରେ ସୁନା	ଡ. ରବି ଚୋପ୍ରା	ଟ. ୧୫.୦୦
୧୯. ପ୍ରାଚୁର୍ଯ୍ୟର କଳାହାଣ୍ଡି	ଜଗଦୀଶ ପ୍ରଧାନ	ଟ. ୧୦.୦୦
୨୦. The Kalahandi Question Some Answers	Pradeep Jena	Rs. 10.00
21. Drought in Kalahandi The Real Story	Jagadish Pradhan	Rs. 15.00
22. The Myth of - Kalahandi	Richard Mahapatra & Ranjan Panda	Rs. 10.00

Suggested Contribution : Rupees Fifteen Only.

Digitized by srujanika@gmail.com